ବର୍ଷ-୨୪, ସଂଖ୍ୟା-୩୦୪
ଭୁବନେଶ୍ୱର
୦୮ ଡିସେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 304
Bhubaneswar
08 December, 2024 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କାର୍‌ରୁ କୋଟିଏ ଟଙ୍କା ଜବତ

## ଭୁବନେଶ୍ୱରରେ ସିବିଆଇ ଚଢ଼ାଉ

**ଭୁବନେଶ୍ୱର,୭।୧୨ (ମହାଭାରତ):** ରାଜଧାନୀ ଭୁବନେଶ୍ୱରର ଏକ ଜନବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମେ'ଫେୟାର ହୋଟେଲ ସମ୍ମୁଖରୁ ଏକ ଦାମୀ କାର୍ ଉପରେ ସିବିଆଇ ଟିମ୍ ଚଢ଼ାଉ କରି ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ ବିପୁଳ ପରିମାଣର ସୁନା ଜବତ କରିଥିବା ଖବର ମିଳିଛି।

ଏହି ଘଟଣାରେ ସିବିଆଇ ୪ଜଣଙ୍କୁ ଉଠାଇ ନେବା ସହିତ ଏହି ଦାମୀ କାର୍‌ଟିକୁ ମଧ୍ୟ ନେଇଯାଇଛି। ଗାଡିଟି ଏକ ମର୍ସିଡିସ୍ ଗାଡି ଓ ଏହାର ନମ୍ବର ଓଡି୦୫ବି.ଭି. ୯୯୯୯। ଏହି ଗାଡିଟି କଟକ ଆରଟିଓରେ ରେଜିଷ୍ଟ୍ରେସନ ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା ତା'ର ମାଲିକ କିଏ ଜଣାପଡିନାହିଁ। ଏହି ସିବିଆଇ ରୋଡ ବେଳେ ସ୍ଥାନୀୟ ନୟାପଲ୍ଲୀ ପୋଲିସ୍ ମଧ୍ୟ ସାମିଲ ହୋଇଛି। ଗାଡିରେ ଥିବା ଯେଉଁ ୪ଜଣଙ୍କୁ ଗାଡିସହ ସିବିଆଇ ଉଠାଇ ନେଇଛି ସେମାନେ ସମସ୍ତେ ହିନ୍ଦୀରେ କଥାବାର୍ତ୍ତା ହେଉଛନ୍ତି।



ଗାଡିର ଯିଏ ମାଲିକ ସେ ସ୍ଥାନୀୟ ତାରକା ହୋଟେଲରେ ରହୁଥିଲେ। ସିବିଆଇ ତାଙ୍କୁ ଓ ତାଙ୍କ ସହ ଆଉଜଣଙ୍କୁ ହୋଟେଲ ଭିତରୁ ଉଠାଇ ଆଣିଲା ପରେ ଗାଡିରେ ଥିବା ଅନ୍ୟ ୨ଜଣଙ୍କୁ ମଧ୍ୟ ଉଠାଇ ନେଇଛି। ଏହାପରେ ଗାଡିରୁ ଏହି ବିପୁଳ ପରିମାଣର ଟଙ୍କା ଓ ସୁନାକୁ ମଧ୍ୟ ସିବିଆଇ ଜବତ କରିଛି। ସିବିଆଇର ୬ଜଣିଆ ଟିମ୍ ଅତ୍ୟନ୍ତ ଗୋପନୀୟ ଭାବରେ ମେ'ଫେୟାର ହୋଟେଲ ସମ୍ମୁଖରେ ଚଢ଼ଉ କରି ଏହି ସଫଳତା ପାଇଛନ୍ତି।

ଏହି ଗାଡିଟି ଆଦିତ୍ୟ ଦେବ ଇନଫ୍ରାଷ୍ଟ୍ରକଚର ପ୍ରା:ଲିଃ. ନାମରେ ଅଛି। ଏହାର ମାଲିକ ହେଉଛନ୍ତି ଆଦିତ୍ୟ ମହାପାତ୍ର ଓ ଏହାର ଅଫିସ୍ ପାହାଳରେ ଅଛି ବୋଲି ଜଣାପଡିଛି। ଏହା ଅଧିନରେ ବ୍ରିଜ ଆଣ୍ଡ ରୁଫ ଅଫ୍ କମ୍ପାନୀ ନାମରେ ବିଭିନ୍ନ ରାଜ୍ୟରେ ବଡ ବଡ ନିର୍ମାଣ ଯୋଜନା ହାତକୁ ନେଇଛି। କ'ଣ ପାଇଁ ଏକ ଷ୍ଟାର ହୋଟେଲ ସାମ୍ନାରେ ଏଭଳି ଡିଲ୍ କରାଯାଉଥିଲା ତାହା ଜଣାପଡିନାହିଁ କିମ୍ବା ସିବିଆଇ କର୍ତ୍ତୃପକ୍ଷ ମଧ୍ୟ ଏ ସମ୍ପର୍କରେ କୌଣସି ସୂଚନା ଦେଉନାହାଁନ୍ତି। ଆସନ୍ତାକାଲି ସିବିଆଇ ଏ ସମ୍ପର୍କରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିବାର ସୂଚନା ରହିଛି।

# ବଢ଼ିଛି ମଦ ରାଜସ୍ୱ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଓଡ଼ିଶାରେ ମଦ ବିକ୍ରି ବଢିଛି। ଅବକାରୀ ରାଜସ୍ୱ ଆୟ ମଧ୍ୟ ବଢ଼ି ଚାଲିଛି। ବିଦେଶୀ ହେଉ କି ଦେଶୀ ରାଜ୍ୟରେ ପ୍ରତିବର୍ଷ ଢକ ଢକ କରି ପିଇ ଯାଉଛନ୍ତି ଲକ୍ଷ ଲକ୍ଷ ଲିଟର ମଦ। ଚଳିତବର୍ଷ ଲୋକେ ପିଇଛନ୍ତି ୧୫ କୋଟି ୩୫ ଲକ୍ଷ ୭୨ ବଲକ୍ ଲିଟର ବିୟର।

ଆଜି ବିଧାନସଭାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନର ଉତ୍ତର ରଖି ଏଭଳି ଆଖି ତରାଟିଲା ଭଳି ତଥ୍ୟ ରଖିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗତ ୧୦ ବର୍ଷର ତଥ୍ୟ ରଖି ଅବକାରୀ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏବେ ୧୦୭୩ଟି ଠିପି ବନ୍ଦ ଓ ୭୬୨ଟି ଠିପିଖୋଲା ମଦ ଦୋକାନ ରହିଛି। ସେହିପରି ୪୮୨ଟି ଦେଶୀ ମଦ ଦୋକାନରେ ମହୁଲି ମଦ ବିକ୍ରି ହେଉଛି। ପ୍ରତିବର୍ଷ ମଦ ବିକ୍ରି ବଢି ବଢି ଚାଲିଛି ଓ ୨୦୨୩-୨୪ ମସିହାରେ ଅବକାରୀ ରାଜସ୍ୱ ଆୟ ୭ ହଜାର ୨୧୬ କୋଟି ୯୯ ଲକ୍ଷରେ ପହଞ୍ଚିଛି।

ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ୨୦୨୨-୨୩ରେ ୫ କୋଟି ୮୩ ଲକ୍ଷ ୪୪ ହଜାର ଖଚ ଲିଟର ବିଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ୫ କୋଟି ୮୮ ଲକ୍ଷ ୮୫ ହଜାର ଏଲପି ଲିଟର ବିକ୍ରି ହୋଇଛି। ସେହିପରି ୨୦୨୨-୨୩ରେ ୧୨କୋଟି ୯ ଲକ୍ଷ ୬୭ ହଜାର ବଲ୍କ ଲିଟର ବିୟର ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ଏହା ବି ୧୫ କୋଟି ୩୫ ଲକ୍ଷ ୭୨ ହଜାର ବଲକ ଲିଟରରେ ପହଞ୍ଚିଛି। ଏଥିସହ ୨୦୨୨-୨୩ରେ ୮୪ ଲକ୍ଷ ୩୭ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ୯୮ ଲକ୍ଷ ୪୩ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଛି।

ଗୋଟିଏ ପଟେ ରାଜ୍ୟରେ ମଦ ବ୍ରିକି ବଢିବା ସହ ଅବକାରୀ ରାଜସ୍ୱ ଆୟ ବଢୁଥିଲେ ମଧ୍ୟ ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ନିଶାମୁକ୍ତି ଅଭିଯାନ ସଂଗଠନ। ସେମାନଙ୍କ ମତରେ ମଦ ବିକ୍ରି ବଢିବା ସହ ମଦୁଆଙ୍କ ସଂଖ୍ୟା ମଧ୍ୟ ହୁ ହୁ ବି ଚାଲିଛି। ସମାଜ ଉପରେ କୁପ୍ରଭାବ ପଡ଼ିବା ସହ ଅପରାଧ ଗ୍ରାଫ୍ ମଧ୍ୟ ଉପର ମୁହାଁ ହେବାରେ ଲାଗିଛି। ବହୁ ପରିବାର ଉଜୁଡୁଛି ଓ ମଦ୍ୟପାନ ଯୋଗୁ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ତେଣୁ ସରକାର କେବଳ ଆୟ ବୃଦ୍ଧି କଥା ନଭାବି ମଦର କୁପ୍ରଭାବ ଦିଗରେ ଚିନ୍ତା କରିବା ଅତ୍ୟନ୍ତ ଜରୁରୀ।

ଜଣେ ପୂର୍ବତନ ଅବକାରୀ କମିଶନରଙ୍କ ସୂଚନା ଅନୁସାରେ ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ୩୨ ପ୍ରତିଶତ ଲୋକ ମଦ୍ୟପାନରେ ଅଭ୍ୟସ୍ତ। ଯାହାଙ୍କ ଭିତରେ ୫ ପ୍ରତିଶତ ମହିଳା ଅଛନ୍ତି। ଏହା ଏକ ଉଦବେଗର ବିଷୟ, ସରକାର ଆଉ ଅଧିକ ମଦଦୋକାନ ନଖୋଲି ଡିମାଣ୍ଡ ହ୍ରାସ ଦିଗରେ ଦୃଷ୍ଟି ଦେବା ଦରକାର। ମଦ ବିକ୍ରି ତଥ୍ୟ ଉପସ୍ଥାପନ ଭିତରେ ବିଧାନସଭାରେ ଆଜି ବିଧାୟକ ସନାତନ ମହାକୁଡ଼ କାଚ ମଦ ବୋତଲର ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସନାତନ କହିଛନ୍ତି, କାଚ ବୋତଲରେ ମଦ ବିକ୍ରି ଯୋଗୁ ଲୋକେ ବ୍ୟବହାର ପରେ ଏହାକୁ ଏଣେ ତେଣେ ଫିଙ୍ଗୁଛନ୍ତି। ଯାହାଦ୍ୱାରା ପରିବେଶ ନଷ୍ଟ ହେବା ସହ ଅକାରଣରେ ମଣିଷ ଓ ପ୍ରାଣୀ ଆହତ ହେଉଛନ୍ତି।

# ଜଙ୍ଗଲରେ ମାଓବାଦୀଙ୍କ ବନ୍ଧୁକ ତିଆରି କାରଖାନା



**ମାଲକାନଗିରି,୭।୧୨ (ମହାଭାରତ):** ଯବାନଙ୍କୁ ମିଳିଛି ବଡ଼ ସଫଳତା। ସର୍ଚ୍ଚ ଅପରେସନ୍ ବେଳେ ଘଞ୍ଚ ଜଙ୍ଗଲରେ ଠାବ ହୋଇଛି ବନ୍ଧୁକ କାରଖାନା। ନକ୍ସଲମାନେ ଦୀର୍ଘ ଦିନ ଧରି ସେଠାରେ ବନ୍ଧୁକ ତିଆରି କରୁଥିବା ଅଭିଯୋଗ ହେଉଛି। ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ଥିବା ଜଙ୍ଗଲରୁ ଏହି ବନ୍ଧୁକ ତିଆରି କାରଖାନା ଠାବ ହୋଇଛି।

ନାରାୟଣପୁର ଜିଲ୍ଲାର ସୋନପୁର କୋହମେଟାଲା ଘଞ୍ଚ ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିବା ସୂଚନା ମିଳିଥିଲା। ଏହା ପରେ ବିଏସ୍‌ଏଫ ଓ ଡିଆରଜି ଯବାନମାନେ ସର୍ଚ୍ଚ ଅପରେସନରେ ଯାଇଥିଲେ। ସର୍ଚ୍ଚ ଅପରେସନ୍ ସମ୍ପର୍କରେ ଜାଣିପାରି ନକ୍ସଲମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲକୁ ପଳାଇ ଯାଇଥିଲେ। ହେଲେ ବନ୍ଧୁକ ତିଆରି ସରଞ୍ଜାମ ନେଇପାରିନଥିଲେ।

ଯବାନମାନେ ବନ୍ଧୁକ ତିଆରି ଲେଦ ମେସିନ ଓ ୱେଲଡିଂ ପାଇଁ ରଖାଯାଇଥିବା ଗ୍ୟାସ, ସୋଲାର ପ୍ୟାନେଲ ଭଳି ଅନେକ ସାମଗ୍ରୀ ଜବତ କରିଥିଲେ। ଏଥିସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ସୁରକ୍ଷା କର୍ମୀ। ଏବେ ସେହି ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେସନ୍ ଚଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବନ୍ଧୁକ ତିଆରି କାରଖାନା ଠାବ ହେବାରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି।

# ୩ ନୂଆ ରେଳ ଲାଇନର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

**ବାରିପଦା,୭।୧୨ (ମହାଭାରତ):** ମୟୂରଭଞ୍ଜ ଜିଲ୍ଲାକୁ ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ଓଡ଼ିଶା ଗସ୍ତର ଶେଷ ଦିନରେ ବାଙ୍ଗିରିପୋଷି ରେଳ ଷ୍ଟେସନରେ ୩ଟି ନୂଆ ରେଳ ଲାଇନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ରାଷ୍ଟ୍ରପତି।

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ରାଇରଙ୍ଗପୁରଠାରେ ତିନୋଟି ରେଳ ଲାଇନ- ବାଙ୍ଗିରିପୋଷି-ଗୋରୁମହିଷାଣୀ; ବୁଢ଼ାମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ ସମେତ ଆଦିବାସୀ ଗବେଷଣା ଏବଂ ବିକାଶ କେନ୍ଦ୍ର, ଦାଣ୍ଡବୋସ ବିମାନ ବନ୍ଦର ଏବଂ ରାଇରଙ୍ଗପୁର ସବ୍-ଡିଭିଜନାଲ ହସ୍ପିଟାଲର ନୂତନ ଅଟ୍ଟାଳିକା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ, ସେ ଏହି ମାଟିର ଝିଅ ହୋଇଥିବାରୁ ନିଜକୁ ନେଇ ସର୍ବଦା ଗର୍ବିତ। ଅନେକ ଦାୟିତ୍ୱ ଏବଂ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ତାଙ୍କୁ କେବେବି ତାଙ୍କ ଜନ୍ମସ୍ଥାନ ଏବଂ ଏଠାକାର ଲୋକମାନଙ୍କଠାରୁ ଦୂରରେ ରଖି ପାରିନାହିଁ। ବରଂ, ଲୋକଙ୍କ ଭଲ ପାଇବା ତାଙ୍କୁ ସେମାନଙ୍କ ଆଡ଼କୁ ଟାଣି ଆଣିଥାଏ। ସେ କହିଛନ୍ତି ଯେ, ତାଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟରେ ସବୁବେଳେ ମାତୃଭୂମି ରହିଥାଏ। ଏହି ଅଞ୍ଚଳର ଲୋକଙ୍କ ପବିତ୍ର ଏବଂ ଗଭୀର ସ୍ନେହ ସର୍ବଦା ତାଙ୍କ ମନରେ ପ୍ରତିଧ୍ୱନିତ ହୁଏ।

ରେଳ ପ୍ରକଳ୍ପ ଏବଂ ବିମାନବନ୍ଦର ଏହି ଅଞ୍ଚଳରେ ପରିବହନ, ବାଣିଜ୍ୟ ଏବଂ ବ୍ୟବସାୟକୁ ପ୍ରୋତ୍ସାହିତ କରିବ ବୋଲି ରାଷ୍ଟ୍ରପତି ଆତ୍ମବିଶ୍ୱାସ ପ୍ରକଟ କରିଛନ୍ତି। ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଡାକ୍ତରଖାନା ଅଟ୍ଟାଳିକା ସ୍ଥାନୀୟ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବ।

ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ସରକାରଙ୍କ ପୂର୍ବୋଦୟ ପରିକଳ୍ପନା ଦ୍ୱାରା ଓଡ଼ିଶା ଉପକୃତ ହେଉଛି। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଯୋଗାଯୋଗ ଏବଂ ପରିବହନ ସୁବିଧା ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ସମଗ୍ର ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରାଯାଉଛି।

ରାଷ୍ଟ୍ରପତି କହିଥିଲେ, ଆଦିବାସୀ ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଉଛି। ମୟୂରଭଞ୍ଜ ଜିଲ୍ଲାର ୨୩ଟି ବିଦ୍ୟାଳୟ ସମେତ ଓଡ଼ିଶାରେ ୧୦୦ରୁ ଅଧିକ ନୂତନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଥିବା ବିଷୟରେ ଉଲ୍ଲେଖ କରି ସେ ଖୁସି ପ୍ରକଟ କରିଥିଲେ। ଏହିସବୁ ବିଦ୍ୟାଳୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା ପରେ ଆଦିବାସୀ ପିଲାମାନେ ସମାଜ ଏବଂ ଦେଶର ପ୍ରଗତିରେ ଗୁଣାତ୍ମକ ଯୋଗଦାନ ଦେବାରେ ସକ୍ଷମ ହେବେ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ।

# କଟକ ରେଳ ଷ୍ଟେସନର ପ୍ରବେଶ ପଥ ଉଦଘାଟିତ

**କଟକ,୭।୧୨(ମହାଭାରତ):** ରେଳବାଇ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସନ୍ଧ୍ୟାରେ ୧୪.୬୩ କୋଟି ଟଙ୍କା ବ୍ୟୟରେ କଟକ ରେଳ ଷ୍ଟେସନର ୨ୟ ପ୍ରବେଶ ଦ୍ୱାରକୁ ଉଦଘାଟନ କରିଛନ୍ତି। ଅମୃତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନର୍ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ହେବ ବୋଲି ସେ କହିଛନ୍ତି। ପୂର୍ବପାର୍ଶ୍ୱ ଷ୍ଟେସନ ଭବନ ସହିତ ଏହି ନୂତନ ପ୍ରବେଶ, ଯାତ୍ରୀମାନଙ୍କ ଯାତାୟାତରେ ଉନ୍ନତ କରିବାକୁ, ଆଧୁନିକ ସୁବିଧା, ନିରାପତ୍ତା ଏବଂ ପରିସେବା ପ୍ରଦାନ କରିବାକୁ ସ୍ଥିର ହୋଇଛି।

୨ୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ନିରନ୍ତର ଗତି ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଷ୍ଟେସନକୁ ଯାତାୟାତ ପାଇଁ ଅଧିକ ସୁଗମ କରିଥାଏ ଏବଂ ସହଜ ପ୍ରବେଶ ସୁନିଶ୍ଚିତ କରିଥାଏ। ୩୦୩ କୋଟି ଟଙ୍କାର ଏହି ବିକାଶ ଏକ ଉଚ୍ଚକୋଟୀର ପ୍ରକଳ୍ପର ଏକ ଅଂଶ ଯାହାକି କଟକ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ପରିବହନ ହବରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। କଟକର ରେଳ ବିକାଶ ପାଇଁ ମୋଟ ୩୦୩ କୋଟି ଟଙ୍କା ମଞ୍ଜୁର କରାଯାଇଛି।



ଯାତ୍ରୀମାନଙ୍କ ଅଭିବୃଦ୍ଧି କୁ ସୁଦୃଢ଼ କରିବା ଏବଂ ଏହି ଅଂଚଳର ସଂଯୋଗକୁ ବଢ଼ିବାରେ ଏହି ବିକାଶର ମହତ୍ତ୍ୱ ଉପରେ ଶ୍ରୀ ବୈଷ୍ଣବ ଉଦବୋଧନ ଦେଇଥିଲେ। ସେ ଦର୍ଶାଇଛନ୍ତି ଯେ ଏହି ପ୍ରକଳ୍ପ ବାଣିଜ୍ୟ ବ୍ୟାପାରକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ କଟକ ରେଳ ଷ୍ଟେସନକୁ ଏହି ଅଂଚଳର ଏକ ପ୍ରମୁଖ ହବ୍ ଭାବେ ପରିଣତ କରିବ।

୨ୟ ପ୍ରବେଶ ଦ୍ୱାର ଷ୍ଟେସନ୍ ଭବନର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ମଧ୍ୟରେ ଶୀତତାପ ନିୟନ୍ତ୍ରିତ ପରିବେଷ୍ଟିତ ଅଂଚଳ ରହିଛି। ୨୧,୨୭୦ ବର୍ଗଫୁଟ ଶୀତତାପ ନିୟନ୍ତ୍ରିତ ପରିବେଷ୍ଟିତ ଅଂଚଳ ଯାତ୍ରୀମାନଙ୍କ ପାଇଁ ଏକ ଆରାମଦାୟକ ପରିବେଶ ସୁନିଶ୍ଚିତ କରେ। ଆଧୁନିକ ସୁବିଧା ରେ ଖାଦ୍ୟ କୋର୍ଟ (୨,୧୦୦ ବର୍ଗଫୁଟ), ଆଧୁନିକ ଶୌଚାଳୟ, ଟିକେଟ୍ କାଉଂଟର, ଅପେକ୍ଷା କ୍ଷେତ୍ର, ଏସ୍କାଲେଟର୍, ଲିଫ୍ଟ ଏବଂ ଅନ୍ୟାନ୍ୟ ସୁବିଧା ରହିଛି। ବର୍ତ୍ତମାନ କଟକ ରେଳଷ୍ଟେସନର ପ୍ରବେଶ ପଥ ବିମାନବନ୍ଦର ଭଳି ପ୍ରତୀୟମାନ ହେଉଛି। ସୁଗମ୍ୟ ଚଳପ୍ରଚଳ ଅନୁକୂଳ ଏସ୍କାଲେଟର ଏବଂ ଲିଫ୍ଟ ସହିତ ସଜ୍ଜିତ, ଦିବ୍ୟାଙ୍ଗଜନଙ୍କ ସମେତ ସମସ୍ତ ଯାତ୍ରୀଙ୍କୁ ଖାଦ୍ୟ ଯୋଗାଇବ। ଷ୍ଟେସନକୁ ସହଜ ପ୍ରବେଶ ପାଇଁ ବିସ୍ତୃତ ସର୍କୁଲାର କ୍ଷେତ୍ର, ପାର୍କିଂ ଏବଂ ପିକଅପ୍ / ଡ୍ରପ୍ ଅଫ୍ ସୁବିଧା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସ୍ଥାନୀୟ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇ ପ୍ରଧାନ ମନ୍ତ୍ରୀ ଭାରତ ଜନ ଔଷଧି କେନ୍ଦ୍ର , ଏଟିଏମ୍ କିଓସ୍କ, ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ୍) ଏବଂ ୱାନ ଷ୍ଟେସନ୍ ୱାନ୍ ପ୍ରଡକ୍ଟ ଟ୍ରଲି ଭଳି ବୈଶିଷ୍ଟ୍ୟ ଗୁଡିକ ରହିଛି।

କଟକ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ୧୪.୬୩ କୋଟି ମୂଲ୍ୟରେ ନିର୍ମାଣ କରାଯାଇଅଛି ଯାହାକି ଅମୃତ ଷ୍ଟେସନ ଯୋଜନା ଅନ୍ତର୍ଗତ ଷ୍ଟେସନ ପୁନର୍ବିକାଶ ଯୋଜନାର ଏକ ଅଂଶ ଅଟେ।

## ୩ ବର୍ଷରେ ଶ୍ରୀଜୀଉଙ୍କୁ ମିଳିଛି ୧୧୩ କୋଟି ଦାନ

**ପୁରୀ,୭।୧୨(ମହାଭାରତ):** ଦାନ ସୂତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କୁ ୩ ବର୍ଷରେ ମିଳିଛି ୧୧୩ କୋଟି। ମହାପ୍ରଭୁ ଜଗନ୍ନାଥଙ୍କ ହୁଣ୍ଡିରୁ କେତେ ଟଙ୍କା ଆଦାୟ ହେଉଛି ଏ ନେଇ ବିଧାନସଭାରେ ବିସ୍ତୃତ ତଥ୍ୟ ସାମ୍ନାକୁ ଆସିଛି। ଗତ ତିନି ବର୍ଷରେ ଶହେ କୋଟିରୁ ଅଧିକ ଟଙ୍କା ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଜଗନ୍ନାଥଙ୍କ ପାଖକୁ ଆସିଛି। ଏ ନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନରେ ଆଇନ ମନ୍ତ୍ରୀ ଉତ୍ତର ରଖିଛନ୍ତି। ହୁଣ୍ଡି, ବ୍ୟାଙ୍କ ଆକାଉଣ୍ଟ, ଅନ୍ୟାନ୍ୟ ସୂତ୍ରରୁ ଦାନ ଆକାରରେ ମିଳିଛି। ୨୦୨୧ ରୁ ୨୦୨୪ ମଧ୍ୟରେ ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଜଗନ୍ନାଥ ମନ୍ଦିରକୁ ଆସିଛି ୧ ଶହ ୧୩ କୋଟି ୨ ଲକ୍ଷ ୫୫ ହଜାର ୮୮୯ ଟଙ୍କା। ୨୦୨୧-୨୨ ରେ ଜଗନ୍ନାଥଙ୍କ ହୁଣ୍ଡିରୁ ୮ କୋଟି ୨୩ ଲକ୍ଷ ୧୩ ହଜାର ୧୨୭ ଟଙ୍କା ମିଳିଥିବା ବେଳେ ୨୦୨୨-୨୩ ରେ ୧୫ କୋଟି ୪୬ ଲକ୍ଷ ୧୭ ହଜାର ୧୫୨ ଓ ୨୦୨୩-୨୪ରେ ୧୬ କୋଟି ୯୨ ଲକ୍ଷ ୩୬ ହଜାର ୯୭୪ ଟଙ୍କା ମିଳିଛି।

# ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାହାରିବ ବାଲି

**କୋଣାର୍କ,୭।୧୨ (ମହାଭାରତ):** ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି ବାହାରିବ ବାଲି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ସରିଥିବା ବେଳେ ଏହାର ସ୍ଥିତି ଅନୁଧ୍ୟାନ ପାଇଁ ଆଜି ଆସିଛନ୍ତି ଏଏସ୍‌ଆଇ କୋର କମିଟି। ଦୀର୍ଘ ୬ ଘଣ୍ଟା ଧରି କମିଟିର ସଦସ୍ୟମାନେ ସୂର୍ଯ୍ୟମନ୍ଦିର ସ୍ଥିତି ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସୂର୍ଯ୍ୟମନ୍ଦିର ପରିସରରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ଏଥିରେ ଗର୍ଭ ଗୃହରୁ ବାଲି କାଢ଼ିବା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଛି।



ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢିବା ପାଇଁ ଦୁଇବର୍ଷ ହେଲା ଆରମ୍ଭ ହୋଇଥିବା ପ୍ରକ୍ରିୟା ବିଳମ୍ବ ହେଉଥିବା ବେଳେ ଆଜି ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ କୋର କମିଟି ଓ ଏକ ବୈଷୟିକ ଟିମ୍ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଏବଂ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲିକଢ଼ା ପାଇଁ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି।

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ୨୦୨୨ ମସିହା ସେପ୍ଟେମ୍ବର ୯ ତାରିଖରେ ଭୂମିପୂଜା ହୋଇଥିଲା। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିରର ଉତ୍ତର-ପଶ୍ଚିମ କୋଣ ଓ ମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣରେ ମେକାନିକାଲ ୱାରକିଂ ପ୍ଲାଟଫର୍ମ, ଆଇରନ୍ ଷ୍ଟ୍ରକଚର କାର୍ଯ୍ୟ ଓ ପ୍ରଥମ ପୀଢ଼ିକୁ ସୁରକ୍ଷିତ ଯାତାୟତ ପାଇଁ ତିଆରି ହୋଇଥିବା ଆଇରନ୍ ସିଡ଼ି ଯାଞ୍ଚ କରିଥିଲେ। ଇତି ମଧ୍ୟରେ ସିଡି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତଥାପି ବାଲି କାଢ଼ିବା ପାଇଁ ଚାଲିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ।

ପ୍ଲାଟଫର୍ମ ନିର୍ମାଣ ପରେ ମନ୍ଦିର ପଶ୍ଚିମ ଦ୍ୱାର ଦ୍ୱିତୀୟ ପୀଢ଼ିରେ ମନ୍ଦିର ଗର୍ଭଗୃହକୁ ପ୍ରବେଶ ପାଇଁ ୪ ଫୁଟରେ ୫ ଫୁଟର ଏକ ଗର୍ତ୍ତ ଖୋଳାଯିବ। ଯେଉଁ ବାଟରେ ଗର୍ଭଗୃହରୁ ବାଲି କଢ଼ାଯିବ। ଏଥିପାଇଁ ତିନିବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ଇତି ମଧ୍ୟରେ ଦୁଇ ବର୍ଷ ବିତି ଯାଇଥିବା ବେଳେ ଆଜି ଏଏସ୍‌ଆଇ ଅତିରିକ୍ତ ମହା ନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ସହ ଏଏସ୍‌ଆଇ କଞ୍ଜର୍ଭେସନ୍ ଡ୍ରାଇରେକ୍ଟର ଭିମା ଆଜମୀରା, ଏଏସ୍‌ଆଇ ରିଜିଓନାଲ ଡାଇରେକ୍ଟର ଡଃ ଦିଲ୍ଲୀପ ଖମାରିଙ୍କ ସମେତ ପ୍ରତ୍ନତତ୍ତ୍ୱବିତ ଜୀବନ ପଟ୍ଟନାୟକ, ମାଡ୍ରାସ ଓ ନୂଆଦିଲ୍ଲୀର ଆଇଆଇଟିର ବିଶେଷଜ୍ଞ ସମେତ ୧୫ ଜଣିଆ କମିଟିର ପ୍ରତିନିଧିମାନେ ସୂର୍ଯ୍ୟ ମନ୍ଦିରର ବିଭିନ୍ନ ପିଢ଼ି, ମନ୍ଦିର ଚୂଳର ଉପରିଭାଗ ଓ ବାଲି କାଢ଼ିବା ପାଇଁ ନିର୍ମାଣ ହୋଇଥିବା ମେକାନିକାଲ ଷ୍ଟ୍ରକ୍‌ଚର ସହ ମନ୍ଦିର ମୂଳଦୁଆର ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ପରଦା ଖବର

## କରଣଙ୍କ ରାଗର ଶିକାର ହୋଇଛନ୍ତି ଅଭିନେତ୍ରୀ, ୨ଟି ଫିଲ୍ମ ପରେ ଦେଉନାହାନ୍ତି କାମ





କରଣ ଜୋହର ଇଣ୍ଡଷ୍ଟ୍ରିର ସବୁଠୁ ବଡ ଚଳଚ୍ଚିତ୍ର ନିର୍ମାତା ତାଙ୍କର ଚଳଚ୍ଚିତ୍ରଗୁଡ଼ିକ ବହୁତ ଭଲ ପ୍ରଦର୍ଶନ କରେ ନିର୍ଦ୍ଦେଶକ ଭାବରେ ମଧ ସେ ଦର୍ଶକଙ୍କୁ ସ୍ମରଣୀୟ ଚଳଚ୍ଚିତ୍ର ଦେଇଛନ୍ତି। ଚଳଚ୍ଚିତ୍ରରେ କରଣ ଜୋହରଙ୍କ କାଷ୍ଟିଂ ମଧ ବହୁତ ଭଲ ସମସ୍ତେ ତାଙ୍କ ସହିତ ବାରମ୍ବାର କାମ କରିବାକୁ ଚାହାଁନ୍ତି କିନ୍ତୁ ଏଭଳି ଜଣେ ଅଭିନେତ୍ରୀ ଅଛନ୍ତି, ଯିଏକି କରଣଙ୍କ ସହ 'କଭି ଖୁସି କଭି ଗମ'ରେ କାମ କରିଥିଲେ କିନ୍ତୁ ଏହା ପରେ ତାଙ୍କୁ ଆଉ ଧର୍ମା ପ୍ରଡକ୍ସନ୍ସରୁ କୌଣସି କାମ ମିଳିନଥିଲା। ଅଭିନେତ୍ରୀଜଣକ ହେଉଛନ୍ତି ହିମାନୀ ଶିବପୁରୀ।ସେ 'କୁଛ କୁଛ ହୋତା ହେ' ଏବଂ 'କଭି ଖୁସି କଭି ଗମ' ଚଳଚ୍ଚିତ୍ର ପାଇଁ ଜଣାଶୁଣା ଅଭିନେତ୍ରୀଙ୍କ ଏକ ପୁରୁଣା ସାକ୍ଷାତକାର ଭାଇରାଲ ହେଉଛି ଯେଉଁଥିରେ ସେ କହିଥିଲେ, ବୋଧହୁଏ କରଣ ଜୋହର ତାଙ୍କ ଉପରେ ରାଗିଛନ୍ତି, ଯେଉଁଥିପାଇଁ ତାଙ୍କୁ ଫିଲ୍ମର ଅଫର ଦେଉନାହାନ୍ତି ଅତୀତରେ ଘଟିଥିବା ଘଟଣା ବିଷୟରେ ଜଣାଇ ହିମାନୀ କହିଛନ୍ତି ଯେ, 'କଭି ଖୁସି କଭି ଗମ'ର ସୁଟିଂ ସରିବା ପରେ କରଣ ମୋ ପାଖକୁ ଆସିଥିଲେ ଏବଂ ଆପଣଙ୍କ ସହ କାମ କରି ଖୁସି ଲାଗିଲା ବୋଲି କହିଥିଲେ ଉତ୍ତରରେ ମୁଁ କହିଥିଲି, ଆଗକୁ ଫିଲ୍ମର ଅଫର ଦେଲେ ଭଲ ଚରିତ୍ର ଦେବେ ଏହା ପରଠୁ ସେ ଆଉ ମୋତେ କାମ ଦେଇନାହାନ୍ତି ଥରେ ମୁଁ ଏହାର କାରଣ ବି ପଚାରିଥିଲି। ହେଲେ ସେ କହିଥିଲେ ଆପଣଙ୍କୁ ଫିଟ ବସିବା ଭଳି ଚରିତ୍ର ଆସିନାହିଁ ଆସିଲେ ନିଶ୍ଚିତ ଅଫର ଦେବି ବୋଧହୁଏ ତାଙ୍କୁ ମୋ କଥା ପସନ୍ଦ ଆସିନଥିଲା।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ ସୁସ୍ଥ ରହିଥାଏ।



# ପିଲାଙ୍କୁ ଶିଖାନ୍ତୁ ଜୀବନଶୈଳୀ



ପିଲାଙ୍କର ଭବିଷ୍ୟତକୁ ଅନୁଶାସିତ କରିବା ପାଇଁ ମା – ବାପାଙ୍କର ପ୍ରମୁଖ ଭୂମିକା ରହିଛି। ପିଲା ଛୋଟ ଥିବା ଅବସ୍ଥାରେ ମାତା ପିତା ତାଙ୍କର ସବୁ କାମ କରିଥାନ୍ତି। ତାଙ୍କର ଖେଳନା ଠିକ ଜାଗାରେ ରଖିବା, ବେଡ଼, ସଜାଡ଼ିବା, ବହି ପଡ଼ି ଯାଇଛି ତାକୁ ସଜାଡ଼ି ରଖିବା, ରୁମକୁ ସଫା କରିବା ଏବଂ ଆଉ କେତେ କ'ଣ କାମ। ହେଲେ ବୟସ ବଢିବା ସହ ପିଲାମାନେ କିପରି ନିଜ କାମ ନିଜେ କରିପାରିବେ ସେ ନେଇ ସେମାନଙ୍କୁ ଶିଖାଇବା ଦରକାର। ତା' ସହ ସେମାନଙ୍କର ଜୀବନଶୈଳୀ କିପରି ଶୃଙ୍ଖଳିତ ହେବ ସେ ନେଇ ମା – ବାପା ଯତ୍ନାବାନ ହେବା ସହ ସେମାନଙ୍କୁ ବୁଝାଇବା ଆବଶ୍ୟକ।

ସମୟ ଅନୁସାରେ କାମ: ନିଜ ଜୀବନକୁ ସରସ ସୁନ୍ଦର ଭାବରେ ଗଢି ତୋଳିବାକୁ ହେଲେ ପିଲାମାନେ ପ୍ରଥମେ ସମୟ ଅନୁଯାୟୀ କାମ କରିବାର ଆବଶ୍ୟତକା ରହିଛି। ସମୟର ମୂଲ୍ୟବୋଧ ମେସାନଙ୍କୁ ଶିଖାନ୍ତୁ। ଏହାଦ୍ୱାରା ସେମାନେ ନିଜ କାମକୁ ନିଜ ସୁଚାରୁରୂପେ ସମ୍ପାଦନ କରିପାରିବେ।

ଦାୟିତ୍ୱବୋଧ: ପିଲାମାନେ ବୟସ ବଢିବା ସହ ସେମାନଙ୍କର ଦାୟିତ୍ୱବୋଧ ବଢିଥାଏ। ନିଜ କାମ ନିଜେ କରିବା, ନିଜର ଅସୁବିଧା ମା – ବାପାଙ୍କୁ କହିବା ଏବଂ ତାହାର ସମାଧାନ କରିବା ବିଷୟରେ ସେମାନେ ଅବଗତ ହେବା ଦରକାର। ନିଜ ଦାୟିତ୍ୱ ପ୍ରତି ଅବହେଳା କଲେ ତାହାର ପ୍ରଭାବ ନିଜ ପାଠପଢା ଏବଂ କ୍ୟାରିୟର ଉପରେ ପଡ଼ିଥାଏ।

ଇ୍ୟବହାର : ନିଜକୁ ପ୍ରଶଂସାଭାଜନ କରିବା ପଛରେ ପିଲାଟିର ଆଚାର ବ୍ୟବହାରର ଭୂମିକା ରହିଛି। ଗୁରୁଜନଙ୍କୁ ସମ୍ମାନ ଦେବା, କାହା ସହ କିପରି କଥା ହେବା ସାମାନ୍ୟ କଥାରେ ଉତ୍ତେଜିତ ନ ହୋଇ ଶାନ୍ତ ସରଳ ଭାବରେ ତାହାକୁ ସମାଧାନ କରିବା ବିଷୟରେ ପିଲା ଜାଣିବା ଦରକାର।

# ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ



ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୂରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା।

କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି । ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବର। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ । ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ ତ୍ୱଚା ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।



# ଭାରତର ସଂକଳ୍ପନାରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ



**ଭୁବନେଶ୍ୱର,୭।୧୨ (ମହାଭାରତ):** ୭୯ ତମ ଭାରତକୁ ଜାଣିବା କାର୍ଯ୍ୟକ୍ରମ'(କେଆଇପି)ରେ ୨ ଦିନିଆ ଓଡ଼ିଶା ପରିଭ୍ରମଣରେ ଆସିଥିବା ବିଭିନ୍ନ ଦେଶର ୨୭ ଜଣ ଗଣମାଧ୍ୟମ ପ୍ରତିନିଧିଦଳ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହିତ ଆଜି ଏକ ବୈଠକରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଗୃହ (ସ୍ୱରାଷ୍ଟ୍ର ) ବିଭାଗ ସଂଯୋଜନାରେ ଆସିଥିବା ଏହି ପ୍ରତିନିଧି ଦଳଙ୍କୁ ବୈଠକରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ହେବାକୁଥିବା ପ୍ରବାସୀ ଭାରତୀୟ ଦିବସ ସଂପର୍କରେ ସବିଶେଷ ଅବଗତ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ବିକଶିତ ଭାରତର ସଂକଳ୍ପନାରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ସଂପର୍କରେ ଆଲୋଚନା କରାଯାଇଥିଲା।

ଅନୁଷ୍ଠିତ ଏହି ସାମ୍ବାଦିକ ପ୍ରତିନିଧିମାନଙ୍କ ମଧ୍ୟରେ ଫିଜି, ଇଣ୍ଡୋନେସିଆ, ଇସ୍ରାଏଲ୍, କେନିଆ, ମାଲେସିଆ, ମରିସସ, ନିଉଜିଲାଣ୍ଡ, ସିଙ୍ଗାପୁର, ଶ୍ରୀଲଙ୍କା, ସୁରିନେମ, ତ୍ରିନିଦାଦ ଓ ଟବାଗୋଆଦି ରାଷ୍ଟ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅବସ୍ଥାପିତ ଏବଂ ନ୍ୟୁଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧ୍ୟମ ପ୍ରତିନିଧିମାନେ ରହିଛନ୍ତି। ଆଗାମୀ ଜାନୁଆରୀ ୮ରୁ୧୦ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ଦେଶର ଗଣମାଧ୍ୟମ ପ୍ରତିନିଧିଙ୍କର କେଆଇପି କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ଭ୍ରମଣଗୁରୁତ୍ୱ ବହନ କରୁଛି। ଆଜି ପୂର୍ବାହ୍ଣରେ ଏହିପ୍ରତିନିଧି ଦଳ ମୁକ୍ତେଶ୍ୱର ମନ୍ଦିର, କଳାଭୂମି, ବିଶ୍ୱଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଅପରାହ୍ଣରେ ଖାରବେଳ ଭବନ ଠାରେ ଅନୁଷ୍ଠିତ ବୈଠକ ପରେ ଧଉଳି ଶାନ୍ତିସ୍ତୁପ ଓ ପରେ ପରେ ବୟନିକା ପରିଦର୍ଶନ କରିଥିଲେ।

ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରବାସୀ ଭାରତୀୟ ଦିବସରେ ୩ ଦିନ ଧରି ଅନୁଷ୍ଠିତ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଉପସ୍ଥାପନ କରିଥିଲେ। ପ୍ରବାସୀ ଭାରତୀୟ ମାନେ କିପରି ଓଡ଼ିଶାରକଳା, ସଂସ୍କୃତି, ଏତିହ୍ୟ, ପର୍ଯ୍ୟଟନ ସଂପର୍କରେ ଜାଣିବାକୁ ପାଇବେ ଏବଂ ଏହାର ସୁବିଧା ପାଇଁ ପାରିବେ ଏଥିପାଇଁ ଆନୁଷ୍ଠାନିକ ପ୍ରସ୍ତୁତି ଚାଲିଥିବା ସେ କହିଥିଲେ। ପ୍ରବାସୀ ଭାରତୀୟ ଦିବସକୁ ଆଖି ଆଗରେ ରଖି ଜାନୁଆରୀରୁ ୫ରୁ ୧୫ ତାରିଖ ମଧ୍ୟରେ ବିଭନ୍ନ ତାରିଖରେ ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ,ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଆଦିବାସୀମେଳା, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଉତ୍ସବ ଏବଂ ପୁଷ୍ପ ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହେବାକୁ ଯାଉଛି।ମୁଖ୍ୟ ଶାସନ ସଚିବ 'ଭାରତକୁ ଜାଣିବା କାର୍ଯ୍ୟକ୍ରମ'ରେ ଆସିଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଓଡ଼ିଶାକୁ ସ୍ୱାଗତ କରି କହିଥିଲେ ଯେ, ଏଭଳି ଏକ ଆନ୍ତର୍ଜାତିକ ସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନଦେଶରୁ ପ୍ରବାସୀ ଭାରତୀୟମାନେ ଯୋଗ ଦେବେ। ଓଡ଼ିଶାର ଶିଳ୍ପାୟନ, ସୁଦୀର୍ଘ ବେଳାଭୂମି, ପର୍ଯ୍ୟଟନଭିତ୍ତିଭୂମି, ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ସଂପର୍କରେ ସେମାନେ ଜାଣିବାକୁ ପାଇବେ। ୨୦୩୬ ମସିହା ସୁଦ୍ଧାବିକଶିତ ଓଡ଼ିଶା ସଙ୍ଗେ ସଙ୍ଗେ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟ ମାନଙ୍କ ଯୋଗଦାନ ସଂପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବ। ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜିତ ହେଉଥିବା ଏବଂ ଏହା ପୂର୍ବରୁ ଭାରତକୁ ଜାଣିବା କାର୍ଯ୍ୟକ୍ରମ'ରେ ବିଭିନ୍ନ ଦେଶରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଯୋଗଦାନ ଓଡ଼ିଶାକୁ ଉତ୍ସାହିତ କରିଥିବା ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। ଏଥି ସହିତ ଓଡ଼ିଶା ସଂପର୍କରେ ବିଦେଶରେ ପ୍ରଚାର ପ୍ରସାର ପାଇଁ ଆସିଥିବା ଗଣମାଧ୍ୟମ ପ୍ରତିନିଧିମାନେ ସୂଚନା ଓ ପ୍ରଚାର ପ୍ରସାରରେ ପ୍ରମୁଖ ଯୋଗଦାନ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

ପ୍ରବାସୀ ଭାରତୀୟ ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ଐତିହ୍ୟସ୍ଥଳୀ, ପାରାଦୀପ, ଚାନ୍ଦିପୁର, ତଳସାରୀ ଓ ପୁରୀ ବେଳାଭୂମି, ସାତକୋଶିଆ, ଭିତରକନିକା, ଶିମିଳିପାଳ ଅଭୟାରଣ୍ୟ, ଦାରିଙ୍ଗବାଡି, ଦେବ୍ରିଗଡ ଆଦି ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖିବାର ସୁଯୋଗ ରହିଥିବା ସଂପର୍କରେ ଉପସ୍ଥାପନ କରାଯାଇଥିଲା। ଓଡ଼ିଶାର ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଚିଲିକା, ପୁରୀବ୍ଲୁଫ୍ଲାଗବେଳାଭୂମି ଦର୍ଶନ କରିବାର ସୁଯୋଗ ରହିଛି। ଓଡ଼ିଶାର ବିଭିନ୍ନ କାରୁକାର୍ଯ୍ୟ ହସ୍ତଶିଳ୍ପ ଓ ହସ୍ତକଳା କାର୍ଯ୍ୟ ରହିଛି। ପ୍ରବାସୀ ଭାରତୀୟ ଦିବସରେ ଯୋଗଦାନ କରୁଥିବା ଅତିଥିମାନଙ୍କୁ ସ୍ୱତନ୍ତ୍ର ଭାବେ ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଦର୍ଶନ ବ୍ୟବସ୍ଥା ଓଡ଼ିଶା ରାଜ୍ୟସରକାରଙ୍କ ତରଫରୁ କରାଯାଉଛି।

ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନକମିଶନର ଅନୁ ଗର୍ଗଙ୍କ ସମେତ ଶିଳ୍ପ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ନଗରଉନ୍ନୟନ , ବାଣିଜ୍ୟଓପରିବହନ, ସୂଚନା ଓ ଲୋକ ସଂପର୍କ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆଦି ବିଭାଗର ପ୍ରମୁଖଶାସନସଚିବ, କମିଶନର ତଥା ଶାସନ ସଚିବ ମାନେ ଯୋଗ ଦେଇଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ପ୍ରବାସୀ ଭାରତୀୟ କାର୍ଯ୍ୟ ପରିଚାଳନା ଡିଭିଜନର ଯୁଗ୍ମ ସଚିବ ଶ୍ରୀ ଅଙ୍କନ ବାନାର୍ଜୀ ଓ କାର୍ଯ୍ୟାଳୟର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆସନ୍ତା କାଲି ଏହି ପ୍ରତିନିଧି ଦଳ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# କୋଣାର୍କ ମହୋତ୍ସବର ସଫଳତା ପାଇଁ କୃତଜ୍ଞତା

**ଭୁବନେଶ୍ୱର,୭।୧୨ (ମହାଭାରତ):** ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ୩୫ତମ କୋଣାର୍କ ଉତ୍ସବ ଓ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଏହି ପଂଚ ଦିବସିୟ କାର୍ଯ୍ୟକ୍ରମରେ ପ୍ରତି ଦିନ ରାଜ୍ୟ ତଥା ଦେଶବିଦେଶର ବହୁ ସ୍ୱନାମଧନ୍ୟ କଳାକାର ସେମାନଙ୍କର ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବ୍ଲାକ୍ ପାଗୋଡ଼ା ଭାବେ ପରିଚିତ ଓଡ଼ିଶାର ଗୌରବମୟ ସ୍ଥାପତ୍ୟର ଅନନ୍ୟ ଦୃଷ୍ଟାନ୍ତ କୋଣାର୍କଠାରେ ଆୟୋଜିତ ଏହି ଉତ୍ସବ ଓଡ଼ିଶାର ଅସ୍ମିତା ଓ ପରିଚିତିକୁ ଦେଶବିଦେଶରେ ଉପସ୍ଥାପନ କରିବା ଦିଗରେ ମହାନ ଅବସର ପ୍ରଦାନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କୋଣାର୍କ ଉତ୍ସବକୁ ରାଜ୍ୟର ସାଂସ୍କୃତିକ ମାନଚିତ୍ରରେ ଏକ ଉଜ୍ଜ୍ୱଳ ତାରକା ବୋଲି ଉଲ୍ଲେଖ କରିବା ସହ ଏହି ଉତ୍ସବର ସଫଳତା ପାଇଁ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଅବଦାନ ସ୍ମରଣୀୟ ରହିବ ବୋଲି ଦର୍ଶାଇ ଉପମୁଖ୍ୟମନ୍ତ୍ରୀ ଏହି ଉତ୍ସବ ପାଇଁ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ସ୍ଥାନୀୟ କଳାକାର, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଦେଶବିଦେଶରୁ ଆସିଥିବା ଶିଳ୍ପୀ ଓ କଳାକାରମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏପରି ଉତ୍ସବ ରାଜ୍ୟର ପ୍ରବୀଣ ଓ ନୂତନ ଶିଳ୍ପୀ-କଳାକାରମାନଙ୍କ ମଧ୍ୟରେ ଭାବବିନିମୟ ପାଇଁ ଏକ ପ୍ରକୃଷ୍ଟ ମଂଚ ପ୍ରସ୍ତୁତ କରିଛି । ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ଏହି ଉତ୍ସବ ଅଧିକ ବ୍ୟାପକ କରିବା ସହ ଆମର ସଂସ୍କୃତିକୁ ପରିପୁଷ୍ଟ ଓ ପରିବ୍ୟାପ୍ତ ହେବାରେ ଏହା ସହାୟକ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି।

# କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହର ସତ୍ୟତା ସାମ୍ନାକୁ ଆସୁ

**ଭୁବନେଶ୍ୱର,୭।୧୨ (ମହାଭାରତ):** କଳିଙ୍ଗ ପାଇକ ସଙ୍ଗଠନର ଏକ ପ୍ରତିନିଧିମଣ୍ଡଳୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ଉପସଭାପତି ମୃତ୍ୟୁଂଜୟ ଛୋଟରାୟ ଦଳବେହେରା, ଇତିହାସ ଗବେଷକ ମଦନ ମୋହନ ମହାପାତ୍ର, ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଶ୍ରୀ ହରିଚନ୍ଦନଙ୍କ ସହ ବରୁଣେଇରେ ପାଇକ ସ୍ମାରକୀ ସ୍ଥାପନ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୂର୍ବତନ ରାଜ୍ୟପାଳ କହିଥିଲେ ଯେ, ୧୮୧୭ ପାଇକ ବିଦ୍ରୋହ ବିଶ୍ୱ ଇତିହାସର ଏକ ମାଇଲ ଖୁଂଟ।

# କଳାତାଲିକାଭୁକ୍ତ କମ୍ପାନୀକୁ କାର୍ଯ୍ୟାଦେଶ ବିରୁଦ୍ଧରେ ମନ୍ତ୍ରୀଙ୍କ ବାସଭବନ ଘେରାଉ

**ଭୁବନେଶ୍ୱର,୭।୧୨ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆଜି ରଣଜିତ ପାତ୍ରଙ୍କ ନେତୃତ୍ୱରେ କଳା ତାଲିକାଭୁକ୍ତ କମ୍ପାନୀ ୱାପ୍‌କସକୁ ଜନଜାତି ଐତିହ୍ୟ ଓ ସ୍ୱାଭିମାନ ଭବନ, ଜନଜାତି ଭାଷା ଏବଂ ସଂସ୍କୃତି ପ୍ରତିଷ୍ଠାନ, ଆଶ୍ରମ ସ୍କୁଲର ପାହ୍ୟାବୃଦ୍ଧି ପାଇଁ ପ୍ରକଳ୍ପଗୁଡ଼ିକ ନିର୍ମାଣ କରିବାକୁ ୩୦୦ କୋଟି ଟଙ୍କାରେ କାର୍ଯ୍ୟାଦେଶ ଦେବା ପ୍ରତିବାଦରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ର କହିଛନ୍ତି ଯେ ବିଜେପି ସରକାର କେବଳ କଳା ତାଲିକାଭୁକ୍ତ କମ୍ପାନୀକୁ ନେଇ ଉନ୍ନୟନ କାର୍ଯ୍ୟ କରୁଛି।



ପୂର୍ବତନ ପ୍ରଦେଶ ଛାତ୍ର ସଭାପତି ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ, ବିଧାନସଭାରେ ସୁନ୍ଦରଗଡ଼ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ଗତା. ୨୨/୦୮/୨୪ରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼ରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ସୁନ୍ଦରଗଡ଼ ସହରର ମଧ୍ୟ ଭାଗରେ ଥିବା ବିଜୁଳି ବନ୍ଧ (ପୋଖରୀ)ର ସୌନ୍ଦର୍ଯ୍ୟକରଣ ପାଇଁ ଡି.ଏମ୍.ଏଫ୍ ତରଫରୁ ୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି କାର୍ଯ୍ୟଟି ୱାପ୍‌କସ୍ କମ୍ପାନୀ ଦ୍ୱାରା ସମ୍ପାଦିତ ହୋଇଥିଲା। ବାରମ୍ବାର କାର୍ଯ୍ୟ ସମୀକ୍ଷା କଲାପରେ ଏହି ସଂସ୍ଥାକୁ ବାରମ୍ବାର ଅନୁସ୍ମାରକ ଦିଆଯାଇଥିବା ସତ୍ତ୍ୱେ କାର୍ଯ୍ୟରେ କୌଣସି ପ୍ରକାର ଅଗ୍ରଗତି ନ ହେବାରୁ ୱାପ୍‌କସ୍ କମ୍ପାନୀକୁ ପତ୍ର ସଂଖ୍ୟା-୧୧୨୯/ଡ଼ି.ଏମ୍.ଏଫ୍ ତା. ୦୪/୦୩/୨୪ ରିଖ ମାଧ୍ୟମରେ କଳା ତାଲିକାଭୁକ୍ତ କରି କାର୍ଯ୍ୟରୁ ଅନ୍ତର କରାଗଲା। ମାତ୍ର ଆଶ୍ଚର୍ଯ୍ୟର କଥା ଏହି କି ଯେ, ତତ୍‌କାଳୀନ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ପ୍ରିନ୍‌ସ୍‌ପାଲ ସଚୀବ ବିଷ୍ଣୁପଦ ସେଠୀ ୱାପ୍‌କସ୍‌କୁ ଜନଜାତି, ଐତିହ୍ୟ ଓ ସ୍ୱାଭିମାନ ଭବନ, ଜନଜାତି ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ ନିର୍ମାଣ କରିବାକୁ ପତ୍ର ସଂଖ୍ୟା-୨୧୪୨୬, ତାରିଖ-୧୭/୧୦/୨୪ ରିଖରେ କାର୍ଯ୍ୟାଦେଶ ଦେଇଛନ୍ତି। ଆଶ୍ଚର୍ଯ୍ୟର କଥା ଏହି କି ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝି, ଆଦିବାସୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ କିଭଳି ଭାବରେ ଏକ କଳା ତାଲିକାଭୁକ୍ତ କମ୍ପାନୀକୁ ପୁନର୍ବାର ୩୦୦ କୋଟି ଟଙ୍କାର କାର୍ଯ୍ୟାଦେଶ ଦେଲେ। ନିଶ୍ଚିତ ଭାବରେ ୱାପ୍‌କସ୍ ଏହି ତ୍ରିମୂର୍ତ୍ତିଙ୍କୁ ସନ୍ତୁଷ୍ଟ କରିବାରେ ସକ୍ଷମ ହୋଇପାରିଛି। ସାଧୁତାର ଡେଙ୍ଗୁରା ପିଟୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏ ସଂପର୍କରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ।

# 'ଏକତା ମଲ୍ ନିର୍ମାଣ'ର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଏକାମ୍ର ନିର୍ବାଚନ ମଣ୍ଡଳୀର ଗଣ୍ଡମୁଣ୍ଡା ଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ 'ଏକତା ମଲ୍ ନିର୍ମାଣ'ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏକାମ୍ର ନିର୍ବାଚନ ମଣ୍ଡଳୀର ୟୁନିଟି ମଲ୍ ନିର୍ମାଣ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟକୁ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୩-୨୪ (ଟର୍ନ୍ କି ଆଧାରରେ) ଅପରେସନ୍ ସହିତ ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟନ୍ତ ଏବଂ ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ କରାଯିବ।

ଭୁବନେଶ୍ୱରରେ ଥିବା ଏକତା ମଲ ପ୍ରକଳ୍ପକୁ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ୨୦୨୩-୨୪ ରେ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଏକ ଜିଲ୍ଲା ଏକ ଉପାଦ ଧାରଣାକୁ ପ୍ରୋତ୍ସାହିତ କରିବା। ଏକାର ମୂଳ ଉଦ୍ଦେଶ୍ୟ ହେଉଛି ଅନନ୍ୟ ହସ୍ତତନ୍ତ ଉତ୍ପାଦ ଗୋଟିଏ ଜିଲ୍ଲା ଗୋଟିଏ ଭୌଗଳିକ ସୁଚକାଙ୍କ (ଜିଆଇ) ଉପାଦକୁ ପ୍ରଦର୍ଶନ ଏବଂ ପ୍ରୋତ୍ସାହିତ କରିବା, ଭାରତର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ ତଥା



ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବାରେ ସହଯୋଗ କରିବା।ସାଲିଟର କ୍ଷେତ୍ର ଏବଂ ପରିମାପ ୪.୦୦ ଏକର ପରିମିତ ଏହି ସାଇଟ୍ ରାଜ୍ୟ ନିର୍ମାଣ ପାଇଁ ଏକ ରଣନୀତିକ ଏକ ଅନୁକୂଳ ସ୍ଥାନ ପ୍ରଦାନ କରିଥାଏ, ଅନ୍ୟଧୁନିକ ଏକତା ମଲ୍। ଏହାର ମୁଖ୍ୟ ଅବସ୍ଥାନ ପ୍ରମୁଖ ପରିବହନ ମାର୍ଗ ସହିତ ଉତ୍କୃଷ୍ଟ ସୁବିଧା ଏବଂ ସଂଯୋଗ ଯୋଗାଇଥାଏ। ପ୍ରସ୍ତାବିତ କମ୍ପ୍ଲେକ୍ସକୁ ଏ + ୨ ଉଚ୍ଚତାର ତିନୋଟି ବିଲ୍ଡ ବ୍ଲକରେ ବିରକ୍ତ କରାଯାଇଛି। ଦୁଇଟି ବିଲକି ବ୍ଲକକୁ ୟୁନିଟି ମଲ୍ ଭାବରେ ବ୍ୟବହାର କରିବାକୁ ପ୍ରସ୍ତାବ ଦିଆଯାଇଛି ଏବଂ ଉପର ମହଲାରେ ବାଲକୋନି ମାଧ୍ୟମରେ ସଂଯୁକ୍ତ। ତୃତୀୟ ବିଲଡି ବ୍ଲକ୍ ବହୁମୁଖୀ ବ୍ଲକ ଭାବରେ ବ୍ୟବହୃତ ହେବ ଯେଉଁଥିରେ କ୍ରେଚ୍, ରୋଷେଇ ଘର, ଡାଇନିଂ, ଛାତ୍ରାବାସ, ଏକକ / ଡବଲ୍ ସେୟାରିଂ' ରୁମ୍ ଏବଂ ଅଫିସ୍ ରହିଥାଏ। ବିଭିନ୍ନ ରାଜ୍ୟ ପାଇଁ ୩୬ ଟି ଦୋକାନ, ଓଡିଶାର ବିଭିନ୍ନ ଜିଲ୍ଲା ପାଇଁ ୩୦ ଟି ଦୋକାନ ଏବଂ ରାଜ୍ୟର ଫ୍ଲାଗସିପ୍ ଆଲଟଲେଟ୍ ପାଇଁ ଏହି ଦୋକାନରେ ୮୮ ଟି ବାଣିଜ୍ୟିକ ସ୍ଥାନ ରହିଛି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, କର୍ପୋରେଟର ସୁଜାତା ଛୋଟରାୟ, ରାମ ଚନ୍ଦ୍ର ରଣସିଂହ, ସ୍ଥାନୀୟ ନେତା ହିମାଂଶୁ ଛୋଟରାୟ, ବିଶ୍ୱନାଥ ସେଠୀ, ସୁଭାଷିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀ ସମୀକ୍ଷା

**ଭୁବନେଶ୍ୱର,୭।୧୨ (ମହାଭାରତ):** କୃଷି ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ଗତ ୫ ଡିସେମ୍ବରରେ ଆୟୋଜିତ ହୋଇଥିବା ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ସଫଳରୂପେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଓୟୁଏଟିର କାର୍ଯ୍ୟାବଳୀ, ସ୍ଥାୟୀ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ କ୍ଲାସରୁମ୍, ହଷ୍ଟେଲ ରୁମ୍, ଅଧ୍ୟାପକ , ଅଧ୍ୟାପିକା ଓ ଖାଲିଥିବା ପଦବୀ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଚାଲୁଥିବା ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ। ବର୍ତ୍ତମାନର ସରକାର କୃଷି କ୍ଷେତ୍ର ଓ କୃଷକଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପମାଣ ନେଉଛନ୍ତି। ସେହି ପରିପ୍ରେକ୍ଷିରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯାଇ ଏହାକୁ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲକ୍ଷ ରହିଛି। ଏହା କେବଳ ଭୁବନେଶ୍ୱରସ୍ଥିତ ଓୟୁଏଟି କାର୍ଯ୍ୟାଳୟ ନୁହେଁ, ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡିକରେ ଥିବା ଓୟୁଏଟି କ୍ୟାମ୍ପସ ଗୁଡିକର ମଧ୍ୟ ବିକାଶମୂଳକ କାର୍ଯ୍ୟ ଚାଲୁ ରହିଛି । ଏହି ସମୀକ୍ଷା ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ପରିଡ଼ା, ଓୟୁଏଟି କୁଳପତି ଶ୍ରୀ ପ୍ରଭାତ କୁମାର ରାଉଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ୧୩ ଶିଳ୍ପ କମ୍ପାନି ଏମଓୟୁ କରି ଓହରିଯାଇଛନ୍ତି

**ଭୁବନେଶ୍ୱର,୭।୧୨ (ମହାଭାରତ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳରେ ଓଡ଼ିଶାରେ ପ୍ରକଳ୍ପ ନ କରି ୧୩ଟି ବୃହତ୍ ଶିଳ୍ପ କମ୍ପାନି ଓହରି ଯାଇଛନ୍ତି। ଏହି କମ୍ପାନିଗୁଡ଼ିକ ପ୍ରକଳ୍ପ ସ୍ଥାପନ ପାଇଁ ଏମଓୟୁ ସ୍ୱାକ୍ଷର କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଥିଲେ। ଆଜି ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଭଳି ସୂଚନା ପ୍ରଦାନ କରିଛନ୍ତି। ବିଜେଡି ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ୧୩ଟି କମ୍ପାନି ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଥିଲେ। ସେସବୁ କମ୍ପାନି ମଧ୍ୟରେ ଆର୍ସେଲର ମିତ୍ତଲ ଇଣ୍ଡିଆ, ପୋସ୍କୋ, ମହାରାଷ୍ଟ୍ର ସିମଲେସ୍ , ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ, ଅନୁଗୁଳ ଏନର୍ଜି(ଭୂଷଣ ଏନର୍ଜି),ଜେଆର ପାୱାରଗ୍ରେନ୍, ଟାଟା ପାୱାର କମ୍ପାନି, ଆରତୀ ଷ୍ଟିଲ, ସିଇଏସସି ଲିଃ, ଚମ୍ବଲ ଇନଫ୍ରାଷ୍ଟ୍ରକଚର ଆଣ୍ଡ ଭେଂଚର, କଳିଙ୍ଗ ଏନର୍ଜି ଆଣ୍ଡ ପାୱାର, ବିଜିଆର ଏନର୍ଜି ସିଷ୍ଟମ ଓ ଆରଏସବି ମେଟାଲିକ୍ସ ରହିଛନ୍ତି। ଏହି କମ୍ପାନିଗୁଡ଼ିକ ମଧ୍ୟରେ ଆର୍ସେଲର ୪୦ହଜାର କୋଟି ଏବଂ ପୋସ୍କୋ ୫୧ ହଜାର କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ଦେଇଥିଲେ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# କିଟ୍‌ରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର,୭।୧୨ (ମହାଭାରତ):** ପରିକଳ୍ପନା, ସର୍ଜନା ଓ ପ୍ରଭାବ (ଆଇଡିଆ, ଇନୋଭେସନ୍, ଇମ୍ପାକ୍ଟ)କୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। କେ-ଆଇ୩ ଫେଷ୍ଟ ପ୍ରଥମ ସଂସ୍କରଣର ବିଷୟ ବସ୍ତୁ ରହିଛି ଫ୍ରଣ୍ଟିଅର ଟେକ୍ନୋଲୋଜି ଫର ବିକଶିତ



ଭାରତ-୨୦୪୭। କିଟ୍ ଡିନ୍ ଗୋଲ୍ଡ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପିଏସ୍‌ସିର ପ୍ରାକ୍ତନ ଅଧ୍ୟକ୍ଷ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗଦେଇ ପରିକଳ୍ପନା, ସର୍ଜନା ଓ ଏଗୁଡ଼ିକର ପ୍ରଭାବ ଉପରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଲେ ବିଶ୍ୱର ପ୍ରାୟ ଅଧିକାଂଶ ସର୍ଜନା ଓ ଆବିଷ୍କାର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଛି। ୩ଡି ପ୍ରିଣ୍ଟିଂଠାରୁ ଆରମ୍ଭ କରି ବ୍ଲକ୍‌ଚେନ୍ ଟେକ୍ନୋଲୋଜି ପର୍ଯ୍ୟନ୍ତ ବିଭିନ୍ନ ସର୍ଜନା ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇଛି। ଏବେ ଆତ୍ମନିର୍ଭର ଭାରତ ପ୍ରୟାସ ଅଧିନରେ ବିଭିନ୍ନ ପ୍ରତିରକ୍ଷା ଉତ୍ପାଦ ତିଆରି କରାଯାଉଛି। ଏଭଳି ଉଦ୍ୟୋଗ କରି ବହୁ ଯୁବକ ଉଦ୍ୟୋଗପତି ହୋଇପାରିଛନ୍ତି ବୋଲି ସେ କହିଥିଲେ। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇ କହିଲେ, କେବଳ କୌଣସି ପରିକଳ୍ପନାକୁ ନିଜ ମନ ମଧ୍ୟରେ ଆଣିଲେ ହେବ ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ସହ ଏହା ପ୍ରଭାବ କଣ ରହିବ ତା ଉପରେ ମଧ୍ୟ ଚିନ୍ତା କରିବା ଉଚିତ। ନିଜ ପରିକଳ୍ପନା ଓ ସର୍ଜନାର ଯଦି କୌଣସି ପ୍ରଭାବ ନ ରହିଲା ତେବେ ତାହା ଫଳପ୍ରଦ ହୋଇ ନ ଥାଏ। ନିଜ ସର୍ଜନାକୁ ଆଗକୁ ନେଇଯିବା ପାଇଁ କିଟ୍ ହେଉଛି ପ୍ରକୃଷ୍ଟ କ୍ଷେତ୍ର ବୋଲି ଶ୍ରୀ ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ବିଭିନ୍ନ ସ୍କୁଲର ଡିନ୍‌ମାନେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କିଟ୍‌ର ୨୪ଟି ବିଭିନ୍ନ ସ୍କୁଲ୍‌ର ୬ଶହ ଛାତ୍ରଛାତ୍ରୀ ୨୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡିନ୍ ଗୋଲ୍‌ଡ କ୍ଲବ୍ ଅଧ୍ୟକ୍ଷ ପ୍ରଫେସର ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍‌ରେ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର

**ଭୁବନେଶ୍ୱର,୭।୧୨ (ମହାଭାରତ):** ସ୍ଥାନୀୟ ଶୀତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲ୍‌ରେ ଆରମ୍ଭ କରାଯାଇଛି ହାଇ-ଗ୍ରେଡ୍ ଗ୍ଲିଓମା ଅସ୍ତ୍ରୋପଚାର। ମସ୍ତିଷ୍କରେ ସୃଷ୍ଟି ହେଉଥିବା କିଛି ଉଗ୍ର ଟ୍ୟୁମରକୁ ହାଇ-ଗ୍ରେଡ ଗ୍ଲିଓମା କୁହାଯାଏ ଯାହାର ଚିକିତ୍ସା ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ କରାଯାଏ। ସେହି ଚିକିତ୍ସା ପ୍ରକ୍ରିୟା ଏବେ ଶୀତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲ୍‌ରେ ଉପଲବ୍ଧ ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଛନ୍ତି। ବିଶେଷଜ୍ଞ ଡାକ୍ତର ତଥା ନ୍ୟୁରୋ ସର୍ଜନ୍ ଡାକ୍ତର ପରେଶ ଗୌଡ ଏହି ଅସ୍ତ୍ରୋପଚାର କରୁଥିବା ବେଳେ ଏହି ପଦ୍ଧତି ଦ୍ୱାରା ଅତ୍ୟାଧୁନିକ ସ୍ନାୟୁ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ୍‌ର ଖ୍ୟାତି ବଢୁଛି ବୋଲି ସେ କହିଛନ୍ତି। ଆମେ ଦକ୍ଷିଣ ଓଡ଼ିଶାର ଏହି ହସ୍ପିଟାଲ୍‌ରେ ବିଶ୍ୱସ୍ତରୀୟ ସ୍ନାୟୁ ଶଲ୍ୟ ଚିକିତ୍ସା ପ୍ରଦାନ କରିବା ନେଇ ବଦ୍ଧପରିକର ଥିବା ବେଳେ ଲୋକମାନଙ୍କୁ ଏହା ଦ୍ୱାରା ଆଉ ଚିକିତ୍ସା ପାଇଁ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଅତ୍ୟାଧୁନିକ ଇମେଜିଂ ସିଷ୍ଟମ୍, ଅସ୍ତ୍ରୋପଚାର କକ୍ଷ ଏବଂ ଡାକ୍ତର ଗୌଡ଼ଙ୍କ ନେତୃତ୍ୱରେ ନିପୁଣ ସ୍ନାୟୁଶଲ୍ୟ ଟିମ୍ ମାଧ୍ୟମରେ ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ୍ ଆଗକୁ ଆହୁରି ଉନ୍ନତି କରିବ ବୋଲି ସେ କହିଛନ୍ତି। ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ଚିକିତ୍ସା ସହ ସମ୍ବେଦନଶୀଳ ସେବା ଚିକିତ୍ସା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରୁଛି ବୋଲି ଶ୍ରୀ ଦାଶ କହିଛନ୍ତି।

# ବିଜେପି କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୀବନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷମୟ ଥିଲା। ସେ ଜଣେ ଯୋଗଜନ୍ମା ଥିଲେ। ନିଜ ଆତ୍ମବିଶ୍ୱାସ, ତ୍ୟାଗ ଓ ନିଷ୍ଠା ସହ ମନରେ ଥିବା ସଂକଳ୍ପ, ଇଚ୍ଛାଶକ୍ତି ଯୋଗୁ ସେ ଏହି ଜାଗା ପର୍ଯ୍ୟନ୍ତ ପହଂଚି ପାରିଥିଲେ। ସମାଜର ତଳ ପାହାଚ ଲୋକଙ୍କୁ ସେବା କରିବା ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ଆଗକୁ ଆଣିବା ପାଇଁ ବ୍ୟବସ୍ଥା ନିର୍ଦ୍ଧାରଣ କରିବାରେ ଡ.ଆମ୍ବେଦକରଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଡ.ଆମ୍ବେଦରକରଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ସମାଜର ପଛୁଆ ବର୍ଗରୁ ଆସି ସଂଘର୍ଷ କରୁଥିବାବେଳେ କୌଣସି କାରଣରୁ ଆତ୍ମବିଶ୍ୱାସ କମିଗଲେ ଶ୍ରୀ ଆମ୍ବେଦକରଙ୍କୁ ମନେ ପକାଇବା ଉଚିତ। ଆଜି ଆମ ସମ୍ବିଧାନ ସମୃଦ୍ଧ ହୋଇଛି। ଯେତେବେଳେ ଲୋକେ ସମ୍ବିଧାନ ବିଷୟରେ ଅବଗତ




ହେବେ ସେତବେବେଳେ ଏହା ଆହୁରି ଅଧିକ ସମୃଦ୍ଧ ହେବ। ଏଥିପାଇଁ ନଭେମ୍ବର ୨୬ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ସମ୍ବିଧାନ ପ୍ରଣେତାଙ୍କ ଉପରେ ବିଭନ୍ନ ଚର୍ଚ୍ଚା ହେବ। ସମ୍ବିଧାନ ଦିବସରୁ ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ଏହି ୬୦ ଦିନର ଅବଧି ମଧ୍ୟରେ ତାଙ୍କ ବିଷୟରେ ଅଧିକ ଅଧ୍ୟୟନ ଓ ଗବେଷଣା ହେବ। ଏହା ଦ୍ୱାରା ସାଧାରଣ କାର୍ଯ୍ୟକର୍ତ୍ତା ଅସାଧାରଣ ବ୍ୟକ୍ତିତ୍ୱ ବନିପାରିବେ। ଡ.ବାବାସାହେବ ଆମେଦକରଙ୍କୁ ଯେତେ ଶ୍ରଦ୍ଧାଞ୍ଜଳି ଦେଲେ କମ୍ ହେବ। ସେ ଭାରତବର୍ଷରେ ଜଣେ ଆଲୋକବର୍ତ୍ତିତା ଭାବେ ସମାଜକୁ ଆଲୋକିତ କରିଥିଲେ। ସମସ୍ତଙ୍କୁ ନିଜର ଇଚ୍ଛାଶକ୍ତି ବଳରେ ପ୍ରଭାବିତ କରିପାରୁଥିଲେ। ଖାଲି ସେତିକି ନୁହେଁ, ବିଭିନ୍ନ ବିଷୟକୁ ଉପସ୍ଥାନ କରି କ୍ରିୟାନ୍ୱୟନ ମଧ୍ୟ କରିପାରୁଥିଲେ। ଆମକୁ ବାବା ସାହେବ ଆମ୍ବେଦକରଙ୍କଠାରୁ ପ୍ରେରଣା ନେଇ ନିଜ ଜୀବନର ଦିଶା ନିର୍ଦ୍ଧାରଣ କରିବାକୁ ପଡ଼ିବ। ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଅନୁସୂଚିତ ଜାତିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ମୌଲବାଦୀଙ୍କ କବଜା

ବାଂଲାଦେଶର ୯୦ ପ୍ରତିଶତ ବ୍ୟକ୍ତି ମୁସଲମାନ ଧର୍ମାବଲମ୍ବୀ ହୋଇଥିବାରୁ ବାଂଲାଦେଶକୁ ଧର୍ମନିରପେକ୍ଷ ରାଷ୍ଟ୍ରଭାବେ ଗଢ଼ି ତୋଳିବା ଉଦ୍ୟମ ଗ୍ରହଣୀୟ ନୁହେଁ ବୋଲି ୟୁନୁସ୍ କହିଛନ୍ତି। ସେହିପରି ଭାରତରେ ଆଶ୍ରୟ ନେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶ ସରକାର ଉଦ୍ୟମ କରିବେ ଏବଂ ତାଙ୍କ ଗିରଫଦାରୀ ନିମନ୍ତେ ଇ□ରପୋଲର ସହାୟତା ନିଆଯିବ ବୋଲି ୟୁନୁସ କହିଛନ୍ତି। ଏହି ଦୁଇଟି କଥାରୁ ଗୋଟିଏ କଥା ସ୍ପଷ୍ଟ ଯେ, ବାଂଲାଦେଶ ଏବେ ମୌଳବାଦୀଙ୍କ କବଜାରେ ପଡ଼ିଯାଇଛି। ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଏକ ସୁଚିନ୍ତିତ ଯୋଜନା ଥିଲା। ଛାତ୍ର ଆନ୍ଦୋଳନ ମାଧ୍ୟମରେ ଦେଶରେ ଅରାଜକତା ସୃଷ୍ଟି କରିବା ଏବଂ ବ୍ୟାପକ ହିଂସାକାଣ୍ଡ କରିବା ପଛରେ ଉଦ୍ଦେଶ୍ୟ ଥିଲା ଶେଖ ହାସିନାଙ୍କୁ ପଦଚ୍ୟୁତ କରିବା। ଶେଷରେ ଷଡ଼ଯନ୍ତ୍ରକାରୀଙ୍କ ଏହି ଯୋଜନା ସଫଳ ହେଲା ଏବଂ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ଦେଶଛାଡ଼ି ପଳାୟନ କଲେ। ଏବେ ସେ ଭାରତରେ ଆଶ୍ରୟ ନେଇଛନ୍ତି। ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଦେଶରେ ଏକ ଅନ୍ତରୀଣ ସରକାର ଗଠିତ ହୋଇଛି। ମହମ୍ମଦ ୟୁନୁସ ଜଣେ ଅର୍ଥନୀତିଜ୍ଞ, ରାଜନେତା ନୁହଁନ୍ତି। ବୟସ ହେଲାଣି ୮୪। ଏଭଳି ପରିସ୍ଥିତିରେ ସେ ଅଧିକ ଦିନ ଶାସନର ନେତୃତ୍ୱ ନେଇପାରିବେ ନାହିଁ। ପରବ□ୀ ନିର୍ବାଚନ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ। ଦେଶରେ ବାସ୍ତବରେ ଶାସନ କ୍ଷମତା ସେନା ନିୟନ୍ତ୍ରଣରେ ରହିଛି। ୟୁନୁସ କେବଳ ମୁଖା। ୟୁନୁସ ଶେଖ ହାସିନାଙ୍କ ସମାଲୋଚକ ଏବଂ ବିରୋଧୀ ଭାବେ ଜଣାଶୁଣା। ତାଙ୍କ ଅନ୍ତରୀଣ ସରକାରରେ ଯେଉଁମାନେ ପରାମର୍ଶଦାତା ଅଛନ୍ତି, ସେମାନେ ସମସ୍ତେ ହାସିନା ବିରୋଧୀ। ତେଣୁ ୟୁନୁସଙ୍କ ଅନ୍ତରୀଣ ସରକାରକୁ ସର୍ବଦଳୀୟ ବୋଲି କୁହାଯାଇପାରିବ ନାହିଁ। ବରଂ ଏହାକୁ ହାସିନା ବିରୋଧୀ ସରକାର ବୋଲି କୁହାଯାଇପାରେ। ନିକଟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗଦେବାକୁ ନ୍ୟୁୟର୍କ ଗସ୍ତରେ ଯାଇଥିବା ବେଳେ ୟୁନୁସ ଏକ ଅପ୍ରିୟ ସତ୍ୟ କହିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ, ବାଂଲାଦେଶରେ ଘଟିଥିବା ହିଂସା ଏବଂ ଅରାଜକତା ପଛରେ ଏକ ସୁଚିନ୍ତିତ ଯୋଜନା ଥିଲା ଏବଂ ଜଣେ କେହି ପରଦା ପଛରେ ରହି ଏହାକୁ ନିୟନ୍ତ୍ରଣ କରୁଥିଲେ। ତେଣୁ ହାସିନା ଯେତେ ଚେଷ୍ଟା କଲେ ବି ଛାତ୍ର ଆନ୍ଦୋଳନ ଥମିଲା ନାହିଁ କିମ୍ବା ହିଂସା ନିୟନ୍ତ୍ରିତ ହୋଇପାରିଲା ନାହିଁ। ଚେଇଁ ଶୋଇଥିବା ଯିଏ ତାକୁ ଉଠାଇବ କିଏ ? ଏହି ଷଡ଼ଯନ୍ତ୍ର ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଛି ବୋଲି ମୂଳରୁ ସନ୍ଦେହ କରାଯାଉଥିଲା। ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ମଧ୍ୟ ହୋଇଛି। ଏହି ଷଡ଼ଯନ୍ତ୍ର ପଛରେ ଯାହାର ବି ହାତ ଥାଉ ସେ ନିଶ୍ଚିତ ଭାବେ ଭାରତ ବିରୋଧୀ। ହାସିନା ଏବଂ ତାଙ୍କ ଦଳ ହେଉଛି ଭାରତ ସପକ୍ଷବାଦୀ। ବାଂଲାଦେଶ ମୁକ୍ତି ସଂଗ୍ରାମରେ ହାସିନାଙ୍କ ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନ ନେତୃତ୍ୱ ନେଇଥିଲେ। ତାଙ୍କ ପଛରେ ଭାରତର ସମର୍ଥନ ଏବଂ ସହାୟତା ଥିଲା। ତେଣୁ ହାସିନା ସ୍ୱାଭାବିକ ଭାବେ ଭାର ସପକ୍ଷବାଦୀ। ଏହା ବ୍ୟତିତ ସେ ମଧ୍ୟ ଜଣେ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖୁଥିବା ନେତ୍ରୀ। ବାସ୍ତବରେ ସେ ଜଣେ ଧର୍ମନିରପେକ୍ଷ ନେତ୍ରୀ। ତାଙ୍କ ଶାସନ କାଳରେ ଦେଶରେ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟ ସୁରକ୍ଷିତ ଥିଲେ। କିନ୍ତୁ ଛାତ୍ର ଆନ୍ଦୋଳନ ବେଳେ ଏବଂ ପରବ□ୀ ସମୟରେ ଦେଶରେ ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଲା। ଏବେ ବି ଦେଶରେ ଉ□ଜନା ଲାଗି ରହିଛି।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥


“ ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।


ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ’ ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହା ଆହୁରି ମଧ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳା ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଏକ ଐଶୀକଳା ସଂପନ୍ନ ବରପୁତ୍ର

॥ ଫଜଲ ହକ ଖାନ୍ ॥

କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକୁମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

“ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମ୍ଭକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।’’

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ,‘ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୂକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।


ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭


# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଟିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**



# ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରବିବାର ୮ ଡିସେମ୍ବର ୨୦୨୪




୬୧୧।

## ଉତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକ

ବରୀ,(ମହାଭାରତ); ବରୀ ବ୍ଲକ ଅଧିନସ୍ଥ ଭାରତୀୟ ବିଦ୍ୟା ନିକେତନ ଶିଶୁ ମନ୍ଦିର ଅଲିପୁର ର ୧୫ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୂଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେଶ୍ କୁମାର ସାମଲ ପ୍ରଦୀପ ପ୍ରଜ୍ୱଳନ କରି ଛାତ୍ର ଛାତ୍ରୀ ମାନଙ୍କୁ ନେଇ ମଶାଲ ଶୋଭା ଯାତ୍ରା କରିଥିଲେ। ସେହିପରି ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ଗେଡି ଓ ଉପ ନିର୍ଦ୍ଦେଶକ ତାପସ କୁମାର ପରିଡା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସ୍ମାର୍ଟ ଫୋନ୍ ଯୋଗୁଁ ପିଲା ମାନଙ୍କର ଖେଳ କୁଦ ପ୍ରତି ଆଗ୍ରହ ଦିନକୁ ଦିନ ହ୍ରାସ ପାଇଛି ଯାହାକୁ ନେଇ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସମ୍ପାଦକ ଶ୍ରୀ ଗେଡି ବାଧ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଦୌଡ, ସର୍ଟପୁର୍ଟ,ଜାବ୍ଲିନ ଥ୍ରୋ, ଲଙ୍ଗ ଜମ୍ପ,ହାଇଜମ୍ପ,ଆଳୁ ଚାମଚ ଆଦି ବିଭିନ୍ନ କ୍ରୀଡା ପ୍ରତି ଯୋଗିତାରେ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଉମେଶ ଚନ୍ଦ୍ର ବଳ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ସୂର୍ଯ୍ୟକାନ୍ତ ଦାସ, ଜନ୍ମେଜୟ ନାଥ, ଅନନ୍ତ କୁମାର ସାମଲ,ବିଶ୍ୱଜିତ ସାହୁ,ପ୍ରତିଭା ବିଶ୍ୱାଳ,ପ୍ରଭାତି ପତି, ମିନତି ପ୍ରଭା ନାଥଶର୍ମା , ରୋଜାଲିନ ଜେନା , ପ୍ରିୟଙ୍କା ପ୍ରିୟଦର୍ଶିନୀ ପଡିହାରି, ପ୍ରତିମା ନାଥ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।

## ଯୁବତୀକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନିର୍ଦୋଷରେ ଖଲାସ

ଆସିକା(ମହାଭାରତ):ଆସିକା ଥାନା ଇଲାକାରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ ରେ ଅଭିଯୁକ୍ତ କୁ ଆଜି ମାନ୍ୟବର ଆସିକା ଅତିରିକ୍ତ ଜିଲ୍ଲା ଦ୍ୱୈକ୍ଷରା ଜର୍ଜ ନିର୍ଦ୍ଦୋଶ ରେ ଖଲାସ କରିଛନ୍ତି ଲ ପ୍ରକାଶ ଥାଉକି ଗତ ୧୩/୦୧/୨୦୨୧ ତାରିଖ ରେ ବ୍ରହ୍ମପୁର ଅଞ୍ଚଳର କୈଳାସ ଚନ୍ଦ୍ର ସାହୁ ନାମକ ଜଣେ ଯୁବକ ଆସିକା ଥାନା ଇଲାକାର ଜଣେ ଯୁବତୀ କୁ +୨ ପାସ କରାଇଦେବା ଆଳ ଦେଖାଇ ବାରମ୍ବାର ଦୁଷ୍କର୍ମ କରିବା ସହ ଯୁବତୀ ଜଣଙ୍କର ଉଲଗ୍ନ ଫୋଟୋ କୁ ଭାଇରଲ କରିଥା ନେଇ ଯୁବତୀ ଜଣକ ଆସିକା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଆସିକା ଥାନା ପକ୍ଷରୁ କେସ ନମ୍ବର ୪୫/୨୦୨୧ ରେ ପୋଲିସ ମାମଲା ଜୁକରି କୈଳାସ କୁ ବ୍ରହ୍ମପୁର ଅ□ଳରୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତ ଜଣଙ୍କ ଗିରଫ ହୋଇ ୨୮ ମାସ ଜେଲ ଦଣ୍ଡ ଭୋଗିଥିଲେ । ଆଜି ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ୧୬ଜଣଙ୍କ ସାକ୍ଷ ଗ୍ରହଣ କରି ପ୍ରମାଣ ଅଭାବରୁ ଅଭିଯୁକ୍ତ କୁ ନିର୍ଦୋଷ ରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ରବୀନ୍ଦ୍ର କୁମାର ପାତ୍ର କେସ ପରିଚାଳନା କରିଥିଲେ।

## ଯାଜପୁର ଜିଲ୍ଲା ବିଦ୍ୟାଳୟ ସମୂହ ଜୁନିଅର ରେଡ କ୍ରସ ଷ୍ଟଡି କମ ଟ୍ରେନିଂ ପ୍ରୋଗ୍ରାମ. ଦ୍ଵିତୀୟ ଦିବସ



ବଡଚଣା (ମହାଭାରତ)ଯାଜପୁର ୬/୧୨ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ନଳିନୀପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅଥିତି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣି ଯୋଗ ଦେଇଥିଲେ୍ୟ ମୁଖ୍ୟ ବକ୍ତାଭାବେ ରାଜ୍ୟ ସାଧନ କର୍ମୀ ବାମନ ଚରଣ ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ଦାଶ, ରେଡକ୍ରସ ଅପିସର ଶଙ୍କର୍ଷଣ ବେହେରା, ବ୍ଲକଶିକ୍ଷାଧିରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ଦିଲୀପ କୁମାର ରାଉଳ, କ୍ରୀଡାବିତ ମଧୁସୂଦନ ଧଳ,ରାଜ୍ୟ ସାଧନ କର୍ମୀ ତ୍ରିଲୋଚନ ଯେନା ,ରାଜେନ୍ଦ୍ର କୁମାର ଦାସ ,ଯୋଗଦାନ କରିଥିଲେ୍ୟ କନିଷ୍ଠ ରେଡ୍ କ୍ରସ୍ ର ଜନକ ହେନେରି ଡୁନା□ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ପ୍ରଥମ ଦିନରେ ପ୍ରାଥମିକ ଚିକିତ୍ସା, ରକ୍ତଦାନ, ଶୁଷମଖାଦ୍ୟ ଉପରେ ଆଲୋଚନା କରାଯାଇଥିଲା। ଦିତୀୟ ଦିବସରେ ଯୋଗ, ଶାରୀରିକ ଶିକ୍ଷା, ଏଡସ ସଚେତନ, ଅଗ୍ନିନିରେପେକ୍ଷ, ଟ୍ରାଫିକ୍ ନିୟମ ବିଷୟରେ ଧାରଣା ଦିଆଯାଇଥିଲାୟ ସମସ୍ତ ବ୍ଲକ ରୁ ସମସ୍ତ ବ୍ଲକ ଶିକ୍ଷାଧିକାରୀ ଏବଂ ନୋଡାଲ ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଦୁଇଦିନ ଧରି ଚାଲିଥିବା ଷ୍ଟଡି କମ ଟ୍ରେନିଙ୍ଗ କ୍ୟାମ୍ପ ରେ ସଂଗୀତା,ଓଡ଼ିଆ ରଚନା, ଇଂରାଜୀ ରଚନା,ଡ୍ରଇଂ,ସାଧାରଣଜ୍ଞାନ,ନାଚ,ଡ୍ରାମା ପ୍ରତିଯୋଗିତା ମାନ କରାଯାଇଥିଲାୟଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ରେଡ୍ କ୍ରାସ ସମ୍ପାଦକ ଶମ୍ଭୁନାଥ ଦାଶ, ବରୁଣେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଶ୍ରୀଯୁକ୍ତ ବିଦ୍ୟାସାଗର ବେହେରା, ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ବସନ୍ତ କୁମାର ମହାପାତ୍ର, ଗୀତା ମହାନ୍ତି, ବିଜୟ କୁମାର ପଟ୍ଟନାୟକ, ପ୍ରିୟରଞ୍ଜନ ବେହେରା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଯୁବ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ବଡଚଣା( ମହାଭାରତ)ଯାଜପୁର, ତା ୦୭.୧୨.୨୦୨୪ ରିଖ : ଆଜିଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନେହେରୁ ଯୁବକେନ୍ଦ୍ର ର ମିଳିତ ଆନୁକୂଲ୍ୟରେ ଆସନ୍ତା ତା ୨୬.୧୨.୨୦୨୪ ରିଖରେ ହେବାକୁ ଥିବା ଯୁବ ଉତ୍ସବ(ପ□ପ୍ରାଣ) ୨୦୨୪-୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା ଯୁବବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ ଉନ୍ମେଷ ଲାଗି ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଜିଲାର ଅଧିକରୁ ଅଧିକ ଯୁବବର୍ଗଙ୍କୁ ସାମିଲ କରିବା ଲାଗି ପରାମର୍ଶ ଦେଇଥିଲେ।ଆସନ୍ତା ଡ଼ିସେମ୍ବର ୨୬ ତାରିଖ ରେ ଏହି ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ୧୫ରୁ ୨୯ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ବିଜ୍ଞାନ ମେଳା ପ୍ରଦର୍ଶନୀ, ଯୁବା ଚିତ୍ରାଙ୍କନ ପ୍ରତିଯୋଗିତା, ଗୀତ ପଦ୍ୟ(ହିନ୍ଦୀ/ଇଂରାଜୀ), ଯୁବା ଲେଖକ ପ୍ରତିଯୋଗିତା, ଫଟୋଗ୍ରାଫି(ମୋବାଇଲ), ବକ୍ତୃତା ପ୍ରତିଯୋଗିତା, ଦଳଗତ ସଂସ୍କୃତି ପ୍ରତିଯୋଗିତା ୩୦ ସେପ୍ଟେମ୍ବର ୨୦୨୪ ସୁଦ୍ଧା ଅନୁଷ୍ଠିତ ହେବୟ ଏହି ଉତ୍ସବ ରେ ଉତ୍ତୀର୍ଣ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ନେହେରୁ ଯୁବକେନ୍ଦ୍ର ର ଯୁଥ ଅଫିସର ବାସୁଦେବ ଦାସ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, କ୍ରୀଡା ଅଧ୍ୟାପକ, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲ୍ଲା ସଂଯୋଜକ(ସ୍କାଉଟ/ ଗାଇଡ) ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସରକାରଙ୍କ ଦୃଷ୍ଟି ଆଢୁଆଳରେ ବାଗୁଲି ଗାଁ
# ରାସ୍ତା ନଥିବାରୁ ହନ୍ତସନ୍ତ ହେଉଛନ୍ତି ୩୨ ରୁ ଉର୍ଦ୍ଧ୍ୱ ପରିବାର



ହିନ୍ଦୋଳ(ମହାଭାରତ)ସ୍ୱାଧୀନତାର ୭୭ ବର୍ଷ ପରେ ମଧ ଆଜିବି ଅବହେଳିତ ଅବସ୍ଥାରେ ରହିଛି ଅନେକ ଅଞ୍ଚଳ। ଯେଉଁ ଅଞ୍ଚଳକୁ ନା ଅଛି ଗମନାଗମନର ଭଲ ସୁବିଧା ଆଉ ନା ଅଛି ପିଇବା ପାଇଁ ମୁନ୍ଦେ ଭଲ ପାଣି। ଗାଁକୁ ଦେଖିଲେ ଲାଗେ ସତେ ଯେପରି ସରକାରଙ୍କ ଦୃଷ୍ଟି ଆଢୁଆଳ ତଳେ ଲୁଚିଯାଇଛି ଏହି ବିଚ୍ଛିନ୍ନାଞ୍ଚଳ। ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଦଣ୍ଡିରି ପଞ୍ଚାୟତର ବାଗୁଲି ଗାଁ। ରାସୋଳ ବଜାର ଠାରୁ ପ୍ରାୟ ୧୪ କିଲୋମିଟର ଦୂର ମଧ୍ୟରେ ଅବସ୍ଥିତ ଏକ ହାତୀ ପ୍ରବଣ ଅଞ୍ଚଳ ହେଉଛି ଏହି ଗାଁ। ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ,ପାନୀୟଜଳ, ଇତ୍ୟାଦି ମୌଳିକ ସୁବିଧାରୁ ବର୍ଷବର୍ଷ ଧରି ବଞ୍ଚିତ ହେଉଛନ୍ତି ଏହି ଅଞ୍ଚଳବାସୀ। ଜନବସତି ଠାରୁ ଏଠାକୁ ଆସିବାକୁ ହେଲେ ବାଟରେ ପଡେ ଅନେକ ଅଣଓସାରିଆ ବିପଦସଙ୍କୁଳ ରାସ୍ତା ଏବଂ ତା ସାଙ୍ଗକୁ ଥାଏ ହାତୀର ଭୟୟଏହି ଗାଁରେ ବାସ କରୁଥିବା ସମସ୍ତ ବାସିନ୍ଦା ଗରିବ ଶ୍ରେଣୀର ଏବଂ ଦିନ ମଜୁରିଆ ଲୋକ ଅଟନ୍ତି ।ବାହ୍ୟଜଗତରୁ ବିଚ୍ଛିଓ ଏହି ଗାଁରେ ଅକସ୍ମା ହଠାତ କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଆସିବା ତ ଦୂରକଥା କେବଳ ମୃତ୍ୟୁକୁ ଅପେକ୍ଷା କରିଥାନ୍ତି ଲୋକେ। ସତେ ଯେମିତି ଉଭୟ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ସବୁ ଯୋଜନା ଏଠାରେ ଫେଲ ମାରିଯାଇଛି। ଦୈନନ୍ଦିନ ବ୍ୟବହୃତ ପିଇବା ପାଣି ମୁନ୍ଦେ ପାଇବା ପାଇଁ ଏମାନଙ୍କୁ ଗାଁରେ ଥିବା ମୁକ୍ତାକାଶ ଖୋଲା କୂଅରୁ ଜଳ ସଂଗ୍ରହ କରିବାକୁ ପଡେ। ଯେଉଁ ପାଣିକୁ ପିଇ ଅନେକ ଲୋକଙ୍କୁ ମଧ ରୋଗାକ୍ରାନ୍ତ ହେବାକୁ ପଡ଼େ।ତେବେ ଗ୍ରାମବାସୀ ମାନଙ୍କୁ ଦେଖିଲେ ଲାଗେ ସତେ ଯେମିତି କେନ୍ଦ୍ର ସରକାରଙ୍କ ଅମୃତ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବସୁଧା ଯୋଜନା ଏମାନଙ୍କୁ ପାଇଁ ସାତ ସପନ ପାଲଟି ଯାଇଛି। ବାର୍ଦ୍ଧକ୍ୟ ଭତ୍ତା ଏବଂ ସରକାରଙ୍କ ରାସନ୍ ଚାଉଳ ପାଇଁ ମଧ ଏମାନଙ୍କୁ ସମଦଶା ଭୋଗିବାକୁ ପଡେ।ଘଞ୍ଚ ଜଙ୍ଗଲ ଏବଂ ହିଂସ୍ର ବନ୍ୟ ଜନ୍ତୁ ଘେରା ଏହି ଦୁର୍ଗମ ଅଞ୍ଚଳର ଲୋକ ମାନଙ୍କୁ ଏବେ ମଧ କଳାପାଣି ଭଳି ସଜା କାଟୁଛନ୍ତି।ତେବେ ଦୀର୍ଘ ୨୫ ବର୍ଷ ଧରି ଶାସନ କରୁଥିବା ସରକାରଙ୍କ ବାରମ୍ବାର ଦୃଷ୍ଟି ଗୋଚର କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଇନଥିଲେ ସ୍ଥାନୀୟ ନେତା ଅବା ପ୍ରଶାସନ।ତେବେ ଏବେ ନୂତନ ସରକାର ଗ୍ରାମବାସୀ ମାନଙ୍କ ପାଇଁ କଣ ପଦକ୍ଷେପ ନେଉଛନ୍ତି ତାହାକୁ ଅପେକ୍ଷା କରି ରହିଛନ୍ତି ଅଞ୍ଚଳବାସୀ।

## ଆଇଚର୍ ପଛରେ ପିଟିଲା ପିକୋପ ୭ ଗୁରୁତର

ବଡଚଣା( ମହାଭାରତ) କଟକ ଅଭିମୁଖେ ଯାଉଥିବା ବଇ□ଆ ଶ୍ରୀ ଜଗତ୍ତାଥ ଟୋଲ୍ ଗେଟ୍ ନିକଟରେ ଆଇଚର୍ ପଛରେ ପିଟିଲା ପିକୋପ ଭିୟାନ୍। ସୁଚନା ଯୋଗ୍ୟ ଯେ ଜଗତ୍ତାଥ ଟୋଲ୍ ଗେଟ୍ ନିକଟରେ ଆଗରୁ ଆଇଚର୍ ଟ୍ରକ ଗାଡିଟି ଛିଡ଼ା ହୋଇଥିଲା । ସେହି ପଟୁ ପିକୋପ ବୋଝେଇ ଭିୟାନ୍ ର ଗାଡିଚାଳକ ଦୃତ ଗତିରେ ଆସି କୌଣସି କାରଣରୁ ଗାଡି ଚାଳକ ର ଆଖି ଲଗିଜାଇଥିବାରୁ ଆଇଚର୍ ଟ୍ରକ ପଛପଟୁ ଧକ୍କା ଦେଇଥିଲା । ଫଳରେ ପିକୋପ ବୋଝେଇ ଭିୟାନ୍ ର ସମ୍ପୂର୍ଣ ଆଗପଟ ଚେପା ହୋଇଯାଇଥିଲା। ସେଥିରେ ୭ଜଣ ଯାତ୍ରୀ ଆହାତ ହୋଇ କଟକ ବଡ଼ ମେଡିକାଲ ପଠାଯାଉଛି। ଟାଙ୍ଗୀ ପୋଲିସ୍ ଗାଡିକୁ ଜବତ କରିଛ।

## ଓଢ଼ଣ ଷଷ୍ଠୀରେ ଘୋଡ଼ଲାଗି ହେଲେ ମା ଭଗବତୀ ଏବଂ ଶ୍ରୀ ରଙ୍ଗନାଥ

ବାଣପୁର :( ମହାଭାରତ )ମାର୍ଗଶୀର ଶୁକ୍ଳ ଷଷ୍ଠୀ ଓଢ଼ଣ ଷଷ୍ଠୀ ଭାବରେ ସମଗ୍ର ଉତ୍କଳର ଦେବା ଦେବୀଙ୍କ ପୀଠରେ ପାଳନ କରାଯାଏ ଓ ଏହିଦିନ ଠାରୁ ଶ୍ରୀପ□ମୀ ପର୍ଯ୍ୟନ୍ତ ଦେବାଦେବୀମାନେ ଶୀତବସ୍ତ୍ର ପରିଧାନ କରିବାର ପରମ୍ପରା ପୁରାଣ ଯୁଗରୁ ପ୍ରଚଳିତ ହୋଇଆସିଛି ଯାହାକୁ ଘୋଡ଼ଲାଗି ବୋଲି ମଧ କୁହାଯାଏ । ମାନବୀୟ ଲୀଳାର ପ୍ରତୀକ ଏହିପର୍ବ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀ ଜଗତ୍ତାଥ ଘୋଡ଼ଲାଗି ବେଶ ଧାରଣ କରିବା ପରି ବାଣପୁରର ମା’ ଭଗବତୀ ଏବଂ ଶ୍ରୀ ରଙ୍ଗନାଥ ମଧ ଏହି ଦିନଠାରୁ ଘୋଡ଼ଲାଗି ବା ଶୀତବସ୍ତ୍ର ଘୋଡ଼େଇ ବେଶ ଧାରଣ କରି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାର ପରମ୍ପରା ଚାଲିଆସିଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମା’ଙ୍କ ପାଇଁ ନୂତନ ଶୀତବସ୍ତ୍ର ।ମନ୍ଦିର କାର୍ଯ୍ୟାଳୟରୁ ପ୍ରସ୍ତୁତ ଘୋଡ଼ ଓ ଧଳାଶାଢ଼ି ସହିତ ଉକ୍ତ ଶୀତବସ୍ତ୍ରକୁ ପରିଚ୍ଛା ସାଆନ୍ତ କୃତିବାସ ମହାପାତ୍ର, ମନ୍ଦିର କର୍ମଚାରୀ ଗ୍ରହଣ କରି ଅଧିବାସ ପରେ ମା’ଙ୍କୁଲାଗି ହୋଇଥାଏ ସେହିପରି ମହାପ୍ରଭୁ ରଙ୍ଗନାଥ ଙ୍କୁ ମନ୍ଦିର ପରିଚାଳନା କମିଟି କରାଇଥିଲେ ।ଆଜିଠାରୁ ପ୍ରତିଦିନ ବଡ଼ସିଂହାର ବେଶ ହୋଇ ରାତ୍ର ଧୂପ ଆଳତି ପରେ ପହୁଡ଼ଯିବେ।

## ବାଲ୍ୟ ବିବାହ ଉପରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ପାଟଣା:-(ମହାଭରତ) ଦେଶ ବ୍ୟାପି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ,ଜିଲ୍ଲା,ବ୍ଲକ ଓ ଗ୍ରାମା□ଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ସେହିପରି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଜି.ଏନ୍ ହାଇସ୍କୁଲ ପରିସରେ ହମାରା ବଚପନ ଟ୍ରଷ୍ଟ ପକ୍ଷ ରୁ ଏକ ଲିଙ୍ଗ ହିଂସା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ୟ କାର୍ଯ୍ୟକ୍ରମ ହମାରା ବଚପନ ଟ୍ରଷ୍ଟ ଜିଲ୍ଲା ସଂଯୋଜକ ହୃଦାନନ୍ଦ ସେନାପତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଛି ।ସମାଜରେ ମହିଳା ମାନଙ୍କ ପ୍ରତି ଉପୁଜୁ ଥିବା ସମସ୍ୟା,ହିଂସା,ନିର୍ଯ୍ୟାତନା କୁ କିପରି ଦୂର କରାଯାଇ ପାରିବ ଓ ବାଲ୍ୟ ବିବାହ ମୁକ୍ତ ଭାରତ ହୋଇ ପାରିବ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତୀ ବାନରା ଯୋଗଦାନ କରି ମହିଳା ଙ୍କ ପ୍ରତି ଘଟୁଥିବା ବିଭିନ୍ନ ଘଟଣା ଓ ବାଲ୍ୟ ବିବାହ ଉପରେ ଅଭିଭାଷଣ ରଖିଛନ୍ତି। ମୁଖ୍ୟବକ୍ତା ଭାବ ରେ ପାଟଣା ଥାନା କନେଷ୍ଟବଳ ପଦ୍ମିନୀ ମୁଣ୍ଡା ମହିଳା ଙ୍କ ପ୍ରତି ସୁରକ୍ଷା ଓ ଆଇନ ଗତ ସୁରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରି ଛନ୍ତି। ସମ୍ମାନିତ ଅତିଥି ଜି.ଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ, ହମାରା ବଚପନ ଟ୍ରଷ୍ଟ ଶିଶୁ ସଂଗ୍ରାହ ବ୍ଲକ ସଂଯୋଜକ ବେବିରାଣୀ ମହାପାତ୍ର ଉପସ୍ଥିତ ଥିଲେ।

## ଲିଜ୍ ଅଛି ବାର୍ଷିକ ୫୯୦୦୦୦ ରୁ ୬୦୦୦୦ ସେ.ମି. ଦୈନିକ
# ଚୋରା ଚାଲାଣ ହେଉଛି ୩୦୦ସେ.ମି. ରୁ ଅଧିକ ବାଲି !

ଆସିକା (ମହାଭାରତ): ଆସିକା ର ଜୀବନ ରେଖା ଋଷିକୂଲ୍ୟା ଓ ବଡ଼ନଦୀ ବାଲି ମାଫିଆଙ୍କ ପାଇଁ ସୁନା ଇଲିସି ସଦୃଶ।ଏହାର ବୁକୁ ଚିରି ବେଧଡ଼କ ବାଲି ଲୁଟିଚାଲିଛନ୍ତି ବାଲି ମାଫିଆ। ଏହି ଦୁଇ ନଦୀରୁ ଯେତେ ବାଲି ତାଡିଲେ ମଧ ଆସିକା ତହସିଲ ଓ ଲଘୁ ଖଣିଜ ବିଭାଗ ପୁରା ସାଇଲେନ୍ସ ପ୍ଲିଜ୍ ନୀତି ଅବଲମ୍ବନ କରି ଚୁପ ବସିଛନ୍ତି । ଆସିକା ତହସିଲ ଇଲାକା ଋଷିକୂଲ୍ୟା ଓ ବଡ଼ନଦୀ ଅବବାହିକା ରେ ଅବସ୍ଥିତ। ଏହାର ବାଲି ସମଗ୍ର ଦକ୍ଷିଣ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସରକାରୀ ଟେଣ୍ଡର ଅନୁଯାୟୀ ଦୈନିକ ୨୫୦ସେମି ରୁ କମ ବାଲି ଉତ୍ତୋଳନ ର ସ୍ୱୀକୃତି ରହିଥିଲା ବେଳେ ବାଲି ମାଫିଆ ଓ ଲଘୁ ଖଣିଜ ବିଭାଗ ଓ ତହସିଲ ସଲାସୁତୁରା ରେ ଏଠାରୁ ଦୈନିକ ପ୍ରାୟ ୨୦୦ଟ୍ରିପ ଅର୍ଥାତ ୩୨୦୦ ସେମିରୁ ଉର୍ଦ୍ଧ ବାଲି ଚୋରା ଚାଲାଣ ହେଉଛି ଯାହାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ। ଏହି ଚୋରା ଚାଲାଣ ରେ ଆସିକା ପ୍ରଶାସନ କି ଲଘୁ ଖଣିଜ ବିଭାଗ ର କିଛି ଫରକ ପଡ଼େନି କାରଣ ଶୁଣିବାକୁ ମିଳୁଛି କି ବାଲି ମାଫିଆ କାହାର କେତେ ଭାଗ ସବୁ ଏଠି ଫିକ୍ସ ହୋଇଯାଇଛି। ପ୍ରକାଶ ଥାଉକି ଆସିକା ତହସିଲ ଇଲାକାର ବଡ଼ନଦୀରେ ଗହଙ୍ଗୁ ବାଲି ଘାଟ ୧୦୦୦୦ ସେମି ବାଲି ସକାଶେ ୪୦ଲକ୍ଷ ଟଙ୍କା , ବାଙ୍ଗରଡ଼ା ୧୦୦୦୦ ସେମି ପାଇଁ ୬୮ଲକ୍ଷ ଟଙ୍କା , ଜଗଦଳପୁର ଘାଟ ୧୧୦୦୦ ସେମି ପାଇଁ ୨୯ଲକ୍ଷ ଟଙ୍କା ,ଧନିଯା ଘାଟ ୧୧୦୦୦ ସେମି ପାଇଁ ୪୩ଲକ୍ଷ ,ନରସିଂହ ପଲ୍ଲୀଘାଟ ୧୨୦୦୦ ସେମି ବାଲି ପାଇଁ ୪୩୦୦୦ ଟଙ୍କା ଓ ଋଷିକୂଲ୍ୟା ନଦୀରେ ମଙ୍ଗଳପୁର ଘାଟ ୫୦୦୦ସେମି ପାଇଁ ୧୬ଲକ୍ଷ ଟଙ୍କା ଲିଜ୍ ରହିଛି। ସରକାର ଙ୍କ ନିୟମ ମୁତାବକ ଆସିକା ତହସିଲ ଇଲାକାରୁ ବାର୍ଷିକ ୬୦,୦୦୦ସେମିରୁ କମ ବାଲି ଉଠାଣ ପାଇଁ ଲିଜ୍ ରହିଛି। ସେହି ଅନୁପାତରେ ମାସିକ ୫୦୦୦ ସେମି ଓ ଦୈନିକ ୧୬୭ ସେମି ରୁ କମ ପରିମାଣର ବାଲି ଉଠାଣ ହେବାର ନିୟମ ରହିଛି। କିନ୍ତୁ ଏହି ସବୁ ବାଲି ଘାଟରୁ ଦୈନିକ ପ୍ରାୟ ୩୦୦ସେମି ରୁ ଉର୍ଦ୍ଧ ବାଲି ଚୋରା ଚାଲାଣ ହେଉଛି। ଯାହାକି ନିର୍ଦ୍ଧାରିତ ମୂଲ୍ୟରୁ ଢେର ଅଧିକ ହେବ। ଏଥିରୁ ଅନୁମେୟ ଆସିକା ତହସିଲ ରେ ଲିଜ୍ ଥିବା ୭ଟି ଘାଟରୁ କେତେ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି । ଏଠି ସାଧାରଣ ଜନତାଓ ବୁଦ୍ଧିଜୀବୀ ମାନଙ୍କ ମନରେ ପ୍ରଶ୍ନ ଉଠୁଛି ଆସିକା ତହସିଲ ଓ ଲଘୁଖଣିଜ ବିଭାଗ କରୁଛି କଣ? କେବଳ ମାସକୁ ଗୋଟିଏ। ଦୁଇଟି ଗାଡିକୁ ଜବତ କରି ୭୦ରୁ ୮୦ ହଜାର ଟଙ୍କା ଫାଇନ ଆଦାୟ କରି କାହିଁକି ଚୁପ ବସୁଛି ?ଆସିକା ଅଞ୍ଚଳ ବାସୀ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ଏଠି ସବୁ ଫିକ୍ସ ହୋଇଯାଇଛି । ଆସିକା ତହସିଲ ଓ ଲଘୁଖଣିଜ ବିଭାଗ ଅଧିକାରୀ ମାନେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ମାନେ ଜଣେ ଜଣେ କୁବେର ପାଲଟି ଗଲେଣି । ଯଦି ଭିଜିଲାନ୍ସ ବିଭାଗ ପକ୍ଷରୁ ଏମାନଙ୍କ ସମ୍ପତି ଯାଞ୍ଚ କରାଯାଏ ତାହେଲେ ଆସିକା ତହସିଲ ଓ ଲଘୁ ଖଣିଜ ବିଭାଗରେ କେତେଜଣ କୁବେର ଅଛନ୍ତି ତାର ପର୍ଦାଫାଶ ହେବ।ପ୍ରକାଶ ଥାଉକି ଲଘୁ ଖଣିଜ ବିଭାଗ ପକ୍ଷରୁ ଏହି ସବୁ ଲିଜ୍ ଘାଟ ଗୁଡିକର ସୀମା ନିର୍ଦ୍ଧାରଣ କରିବା କଥା କିନ୍ତୁ ବିଭାଗୀୟ ଅଧିକାରୀ ମାନେ କେବଳ କାଗଜ ପତ୍ର ରେ ସୀମା ନିର୍ଦ୍ଧାରଣ କରିଛନ୍ତି ଅସଲରେ ସୀମା ବାଟରେ ସୀମା ରହିଛି କିନ୍ତୁ ବାଲି ମାଫିଆ ମାନେ ସମ୍ପୂର୍ଣ ବଡ଼ନଦୀ ଓ ଋଷିକୂଲ୍ୟା ର ବୁକୁ ଚିରି ଲୁଟ ଚଳାଇଛନ୍ତି। ଏହି ବାଲି ଚୋରା ଚାଲାଣ ଯୋଗୁଁ ବର୍ତ୍ତମାନ ଆସିକାର ବଡ଼ନଦୀ ପୋଲଟି ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ଅଛି।ତେବେ ଏହିପରି ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇବେ ନା ଲଘୁ ଖଣିଜ ରକ୍ଷା କରିବେ ଦିଗରେ ତ୍ୱରିତ ପଦକ୍ଷେପ ନେବେୟ ଏହା ସାଧାରଣ ଜନତାଙ୍କ ମନରେ ବଡ଼ ପ୍ରଶ୍ନ ଉଙ୍କି ମାରୁଛି।

## ବହୁଚର୍ଚ୍ଚିତ ପାଣ୍ଡ ନାୟକ ହତ୍ୟା ମାମଲାରେ ଅଭିଯୁକ୍ତ କୁ ଆଜୀବନ କାରାଦଣ୍ଡ

ଆସିକା(ମହାଭାରତ):ବହୁଚର୍ଚ୍ଚିତ ପାଣ୍ଡ ନାୟକ ହତ୍ୟା ମାମଲାରେ ଅଭିଯୁକ୍ତ କୁ ଆଜୀବନ ଦଣ୍ଡାଦେଶ ୦୫ ହଜାର ଟଙ୍କା ଜୋରିମାନା ସହ ଅନାଦେୟେ ତିନିମାସ ଜେଲଦଣ୍ଡ ଶୁଣାଣି କରିଛନ୍ତି ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର। ପ୍ରକାଶ ଥାଉକି ଗତ ୦୧/୧୦/୨୦୧୭ ମସିହାରେ ବଡ଼ଗଡ଼ ଥାନା ଇଲାକା ଧରାକୋଟ ବ୍ଲକ ଅନ୍ତର୍ଗତ ଓଲମ୍ବା ଗ୍ରାମର ଅଙ୍ଗଦ ନାୟକ ଓ ପାଣ୍ଡ ନାୟକ ଉଭୟେ ମିଶି ଗ୍ରାମରୁ ବାହାରି ସାଇପୁର ନିକଟରେ ଉଭୟେ ମଦ୍ୟପାନ କରିଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଅଙ୍ଗଦ ନାୟକ ଏକ ଧାରୁଆ ଅସ୍ତ୍ର ଧରି ପାଣ୍ଡ ନାୟକ କୁ ହତ୍ୟା କରିଥିଲା । ତାର କଟା ମୁଣ୍ଡ ଧରି ବଡ଼ଗଡ଼ ଥାନା କୁ ଆସି ଆତ୍ମ ସମର୍ପଣ କରିଥିଲା । ପୋଲିସ ବଡ଼ଗଡ଼ ଥାନା କେସ ନମ୍ବର ୨୨୬/ ୨୦୧୭ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଅଙ୍ଗଦ ନାୟକ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।ଆଜି ମାନ୍ୟବର ବିଚାରପତି ପ୍ରବୀର କୁମାର ଚୌଧୁରୀ ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ କୁ ଆଧାରକରି ଅଙ୍ଗଦ କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୦୫ ହଜାର ଟଙ୍କା ଜୋରିମାନା ସହ ତିନିମାସ ପର୍ଯ୍ୟନ୍ତ ଅନାଦେୟ ଦଣ୍ଡ ଶୁଣାଇଥିଲେ । ସରକାର ପକ୍ଷରୁ ଆଇନଜୀବି ସୂର୍ଯ୍ୟ ପ୍ରକାଶ ରାଓ ମକଦମା ପରିଚାଳନା କରିଥିଲେ ।

## ଟାଟା ଷ୍ଟିଲ ଫାଉଣ୍ଡେସନ ର ୪୨ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ସ୍ଥିତ ଯୋଡ଼ା ଟାଟା ଷ୍ଟିଲ ତରଫରୁ ୪୨ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବ ର ପ୍ରି- ଫାଇନାଲ ଦିବସ ଶନିବାର ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଡିରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫଟି (ଡି ଜି ଏମ୍ ଏସ୍) ଭୁବନେଶ୍ୱର ରିଜିଓନ-୧ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ଟାଟା ଷ୍ଟିଲ ଖଣି ସମୂହ ବିଭିନ୍ନ ବିଭାଗ ରେ ସମୁଦାୟ ୩୮ ଗୋଟି ପୁରସ୍କାର ଲାଭ କରିଛି । ଟାଟା ଷ୍ଟିଲ ର ଯୋଡା ଇଷ୍ଟ ଲୌହ ଖଣି, କଓଟାମାଟି ଲୌହ ଖଣି ଏବଂ ଯୋଡା ୱେଷ୍ଟ ଖଣି କୁ ପ୍ରତ୍ୟେକ ଚାରି ଗୋଟି ଲେଖାଏଁ ପୁରସ୍କାର ମିଳିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଖଣ୍ଡବନ୍ଧ ଖଣି ତିନିଗୋଟି ପୁରସ୍କାର ହାସଲ କରିଛି ଓ ସେହିପରି ଟାଟା ଷ୍ଟିଲ ର ତିରିଙ୍ଗପାହାଡ଼, କମର୍ଦ୍ଦଓ ଏବଂ ସାରୁଅବିଲ ଖଣି କୁ ପ୍ରତ୍ୟେକ ଛଅ ଗୋଟି ଲେଖାଏଁ ପୁରସ୍କାର ମିଳିଛି ଓଅନୁରୂପ ଭାବେ, ଟାଟା ଷ୍ଟିଲ ରବାମେବାରି ଖଣି



କୁଚରିଗୋଟିପୁରସ୍କାର ମିଳିଛି । ଏଠାରେ ସୂଚନାଯୋଗ୍ୟ ଯେ, ଇ-୧ ବିଭାଗ ରେ ଯୋଡା ଇଷ୍ଟ ଖଣି, କଓଟାମାଟି ଏବଂ ଖଣ୍ଡବନ୍ଧ ଖଣି କୁ କ୍ରମାନୁସାରେ ଇଲେକ୍ଟ୍ରିକାଲ୍ ମେ□ନେନ୍ସ ପାଇଁ ପ୍ରଥମ ପୁରସ୍କାର, ଜେନେରାଲ ୱାର୍କ ପାଇଁ ପ୍ରଥମ ପୁରସ୍କାର ଏବଂ ଦ୍ୱିତୀୟ ପୁରସ୍କାର ମିଳିଛି । ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ ର ଡିରେକ୍ଟର ଅଫ ମାଇନ୍ସ ସେଫଟି (ଡି ଏମ୍ ଏସ୍) ଶ୍ରୀ କ୍ରିଶ୍ନେନ୍ଦୁ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜୟଦେବ ଚଟ୍ଟପାଧ୍ୟାୟ (ସେଲ), ପ୍ରମୋଦ କୁମାର ପାତ୍ର (ଜେ ଏସ୍ ପି), ଡି ଏନ୍ ପରିଡା (କାଶଭି ଇ□ରନ୍ୟାସନାଲ), ରାମ ଶଙ୍କର ଶର୍ମାଓ (ଜେ ଏସ୍ ଡବ୍ଲ୍ୟୁ), ଏବଂ ଟାଟା ଷ୍ଟିଲ ପକ୍ଷରୁ ଅତୁଲ କୁମାର ଭଟନଓଗର, ରାଜେଶ କୁମାର, ଜି ଭି ସତ୍ୟ ନାରାୟଣ, ଡି ବିଜୟାନ୍ଦ୍ର, ଅବନିଶ କୁମାର ଏବଂ, ଇଉନିୟନ୍ ର ପଦାଧିକାରୀ ଗଣ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ ରେ ଥିବା ୬୩ ଟି ଖଣି ଗୁଡିକ ସମୁଦାୟ ୧୯୨ ଗୋଟି ପୁରସ୍କାର ଲାଭ କରିଥିଲେ ।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିସ୍ତାଳୟରେ ଅସରପା ଙ୍କ ରାଜ୍ : କର୍ତ୍ତୃପକ୍ଷ ଜାଣି ଅଜଣା

ନୟାଗଡ(ମହାଭାରତ):ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି ମାତୃ ଶିଶୁ ଚିକିତ୍ସାଳୟ କୋଠାୟ ଶିଶୁମାନଙ୍କ ପାଇଁ ଚିକିତ୍ସାଳୟ ହାଇଜେନିକ ହେବା ଆବଶ୍ୟକ କିନ୍ତୁ ୱାର୍ଡର ବିଭିନ୍ନ ସ୍ଥାନ ସହିତ ଶଯ୍ୟା ଉପରେ ମାଳ ମାଳ ଛୁଆ ଅସରପା ଚାଲୁଥିବା ଦେଖିବାକୁ ମିଳୁଛ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ। କୋଠାର ଚତୁର୍ଥ ମହଲାରେ ରହିଥିବା ଶିଶୁ ୱାର୍ଡରେ ଅସରପା ଛୁଆଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଯେଉଁଥିପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛିୟ ଶଯ୍ୟା ପାଖରେ ଔଷଧ ରଖିବାକୁ ଦିଆଯାଇଥିବା ଟେବୁଲ ପଛକୁ ଲାଗି କ୍ୟାରେ ମାଳ ମାଳ ଅସରପା ଛୁଆ। ଜନ୍ମ ହେବାଠାରୁ ଶିଶୁ ରୋଗର



ବିଭିନ୍ନ କାରଣ କୁ ନେଇ ଶିଶୁ ୱାର୍ଡ ହୋଇଥିବା ବେଳେ ଶଯ୍ୟା ଉପରେ ଛୁଆ ଅସରପା ମାନେ ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ନବଜାତ ଶିଶୁ ହୁଅନ୍ତୁ କିମ୍ବା ଶିଶୁ ୱାର୍ଡ ଶିଶୁକୁ ଶଯ୍ୟା ଉପରେ ରଖିବାକୁ ଭୟ କରୁଛନ୍ତି। ଶିଶୁମାନେ ରହୁଥିବା ବେଳେ ସେମାନଙ୍କ କାନ କିମ୍ବା ନାକରେ ଅସରପା ପଶି ଯିବାର ଭୟ ରହୁଛି। ଏପଟେ ସଫେଇ ଦାୟିତ୍ୱରେ ରହିଥିବା କର୍ମଚାରୀ ମାନେ କେବଳ ନାମକୁ ମାତ୍ର ଚଟାଣକୁ ସଫେଇ କରି ପଳାଉଥିବା ବେଳେ ଅନ୍ୟ ସ୍ଥାନ ଗୁଡ଼ିକ ସଫେଇ ହୋଇପାରୁନି। ଦୀର୍ଘଦିନ ଧରି ସଫେଇ ହୋଇପାରୁନଥିବା ସ୍ଥାନ ଗୁଡ଼ିକରେ ଅସରପା ଛୁଆ ଜନ୍ମ କରିବା ବିଷୟ ସଫେଇ କର୍ମଚାରୀଙ୍କ ଅବହେଳାକୁ ସ୍ପଷ୍ଟ କରୁଛି। ସେହିଭଳି ଭେଷଜ ୱାର୍ଡରେ ମଧ ଅସରପା ରାଜ୍ ଚାଲିଥିବା ନେଇ ଅଭିଯୋଗ ହେଉଛି। ଅସରପା ମରା ଔଷଧ ନଥିବା ଯୋଗୁଁ ଏହି ସମସ୍ୟାର ସମାଧାନ ହେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଏନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଜୟ କୁମାର ବାହିନୀପତି କହିଛନ୍ତି, ଅସରପା ବାହାରୁଥିବା ନେଇ ଅଭିଯୋଗ ହେବା ପରେ ସଫେଇ କର୍ମଚାରୀଙ୍କୁ ପଠାଇଛୁ। ସେଠାରେ ଅସରପା କେଉଁଠୁ ଆସୁଛନ୍ତି ଜଣାପଡୁନିୟ ଅସରପାଙ୍କୁ ହଟାଇବା ଲାଗି ଔଷଧ ଅଣାଯିବ ବୋଲି ସେ କହିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ଉଦଯାପିତ

ଅସ୍ତରଙ୍ଗ (ମହାଭାରତ): ଅସ୍ତରଙ୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ର ୨୮ ତମ ବାର୍ଷିକ କ୍ରୀଡା ଆଜି ଉଦଯାପିତ ହୋଇଛି, ଦୁଇ ଦିନ ଧରି ଭଣ୍ଡରପଦା କ୍ରୀଡା ପ୍ରାଙ୍ଗଣରେ ଏହି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ କ୍ରୀଡା ଉତ୍ସବ ରେ ୩୭୬ ଜଣ ଶିଶୁ ମୋଟ ୫୮ ଟି ବିଭାଗୀୟ କ୍ରୀଡା ରେ ଅଂଶଗ୍ରହଣ କରି ନିଜ ନିଜ ର କ୍ରୀଡା ଦକ୍ଷତା ପ୍ରତିପାଦନ କରିଛନ୍ତି । ଏହି ଉଦଯାପନୀ ଉତ୍ସବ ରେ ବନ୍ତିଲୋ ଜନତା ଉଚ୍ଚବିଦ୍ୟାଳୟ ଶାରୀରିକ ଦକ୍ଷତା ଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବେହେରା ଯୋଗ ଦେଇ କ୍ରୀଡା ସହିତ ଶାରୀରିକ ଦକ୍ଷତା ବିକାଶ ର ଆବଶ୍ୟକତା ଓ ଏହା ଦ୍ୱାରା ଛାତ୍ରଛାତ୍ରୀ ଙ୍କର ମାନସିକ, ଶାରୀରିକ ଓ ସାମାଜିକ ଦକ୍ଷତା ବୃଦ୍ଧି ପାଇବା ର ମୌଳିକ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ସଟପୁଟ, ଲଙ୍ଗଜମ୍ପ, ହାଇଜମ୍ପ, ଜବାଲିଂ ଥ୍ରୋ, ଦୌଡ଼ ଏହିଭଳି କ୍ରୀଡା ଅନୁଷ୍ଠିତ ହୋଇଛି, ଛାତ୍ରଛାତ୍ରୀ ମାନଙ୍କର ଚମତ୍କାର କ୍ରୀଡା କୌଶଳ ଉପସ୍ଥିତ ଅତିଥି ଙ୍କ ସମେତ ଦର୍ଶକ ଙ୍କ ମନଙ୍କୁ ବେଶ ଆପ୍ରାହିତ କରିଥିଲା, ଅନ୍ୟ ମାନଙ୍କ ଭିତରେ ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡା ଓ ଶାରୀରିକ ଶିକ୍ଷା ପ୍ରମୁଖ ପ୍ରଦୀପ୍ତ ମିଶ୍ର ସଂଯୋଜନା କରିଥିଲେ,କ୍ରୀଡା ପରିଚାଳନା ରେ ଆଚାର୍ଯ୍ୟ ଦିବାକର ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ରମେଶ ମୁଦୁଲୀ ଓ ରବୀନ୍ଦ୍ର ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଆଚାର୍ଯ୍ୟା ସୀତା ଓ ମମତା ଗୁରୁମା ନିଜ ଦାୟିତ୍ୱ ସୁଚାରୁ ରୂପେ କାର୍ଯ୍ୟକାରୀ କରିଥିଲେ । ବିଦ୍ୟାଳୟ ର ଅନ୍ୟ ଗୁରୁଜୀ ଗୁରୁମା ମାନେ କ୍ରୀଡା ଉତ୍ସବ ରେ ସ୍ୱତନ୍ତ୍ର ପରିଚାଳନା କରିବା ସହ ସହଯୋଗ ପ୍ରଦାନ କରିଥିଲେ।

## ଗୃହରକ୍ଷୀ ଙ୍କ ପ୍ରତିଷ୍ଠା ଦିବସ ପାଳିତ

ଦେବଗଡ(ମହାଭାରତ) ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ୬୨ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଦେବଗଡ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ ଯୋଗଦେଇ ଗୃହରକ୍ଷୀଙ୍କ ପକ୍ଷରୁ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସଂସ୍ଥାର ସଦସ୍ୟମାନେ ଆଭ୍ୟନ୍ତରୀଣ ନିରାପତା ଓ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ଯୋଗାଇ ଆସୁଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି, ଭିଡ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଗୃହରକ୍ଷୀ ବାହିନୀ ପ୍ରଦାନ କରି ଆସିଥିବା ସେବା ଅତ୍ୟନ୍ତ ପ୍ରଶଂସନୀୟ । ବିଶେଷ କରି ଶୁଭେଚ୍ଛା ବାର୍ତ୍ତା, ପ୍ରଧାନ ମନ୍ତ୍ରୀ ମୁଖ୍ୟ ମନ୍ତ୍ରୀ ରାଜ୍ୟପାଳ ଙ୍କ ବାର୍ତ୍ତା ପଠନ କରିଥିଲେଯ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ୍ ଚୋପଦାର, ଡିଏସପି ଡି ଆଇ ବି ପବିତ୍ର କିସାନ, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଏବଂ ରିଜର୍ଭ ଇନ୍ସପେକ୍ଟର ହମେରା ସୋରେନ ଅତିଥି ଭାବେ ଯୋଗଦେଇଥିଲେ । ଫାଷ୍ଟ ଇନ୍ କମାଣ୍ଡ କ୍ଷମାନିଧି ପାତ୍ର ପ୍ୟାରେଡ ପରିଚାଳନା କରିଥିଲେ।

## ଯୋଡ଼ା ରେ ଆମ୍ବେଦକର ଙ୍କ ୬୮ତମ ତିରୋଧାନ ଦିବସ ପାଳିତ



ଯୋଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ର ଆମ୍ବେଦକର ଛକ ଠାରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡା ଭୀମରାଓ ଆମ୍ବେଦକର ଙ୍କ ୬୮ତମ ତିରୋଧାନ ଦିବସ ଶୁକ୍ରବାର ସକାଳ ନଅ ଘଟିକା ସମୟରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଯୋଡ଼ା ଉପନଗର ପାଳ ଶ୍ରୀମତୀ ସନ୍ଧ୍ୟା ପାତ୍ର ତିରୋଧାନ ଦିବସ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ଏହାପରେ ମୁଖ୍ୟ ଅତିଥି ଆମ୍ବେଦକର ଙ୍କ ଜୀବନ, ସଂଘର୍ଷ ଏବଂ ବଳିଦାନ ସମ୍ପର୍କ ରେ ଅଭିଭାଷଣ ରଖିଥିଲେ। ଆମ୍ବେଦକର ହେଉଛନ୍ତି ସମଗ୍ର ଭାରତୀୟ ଙ୍କ ପାଇଁ ଆଦର୍ଶ ଏବଂ ଅସରନ୍ତି ପ୍ରେରଣା ର ଉତ୍ସ ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ରେ କହି ଥିଲେ । ଏହି ତିରୋଧାନ ଦିବସ କାର୍ଯ୍ୟକ୍ରମ ରେ ପାତ୍ର ତନ୍ତୀ କଲ୍ୟାଣ ସମିତି ର ସମ୍ପାଦକ ମାୟାଧର ପାତ୍ର, ଆମ୍ବେଦକର ସ୍ମୃତି କମିଟି ର ସଭାପତି ଭାସ୍କର ବେଣିପୁରୀ, ସମ୍ପାଦକ ଗୋକୁଳ ପାତ୍ର, ଆଇନ ପରାମର୍ଶଦାତା ନରେଶ କୁମାର ପାତ୍ର, ଶିବ ଚରଣ ବେହେରା, ଆଦିବାସୀ ହୋ ସମାଜ ତରଫରୁ ସଭାପତି ସଂଜୀବ ସିରକ୍କା,ଉପସଭାପତି ରାଜେନ ମୁଣ୍ଡା ପ୍ରମୁଖ ଯୋଗ ଦେଇ ଥିଲେ । ଶୁକ୍ରବାର ଆମ୍ବେଦକର ଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମ ଟି ଆମ୍ବେଦକର ସ୍ମୃତି କମିଟି ଯୋଡ଼ା ଏବଂ ପାତ୍ର ତନ୍ତୀ କଲ୍ୟାଣ ସମିତି, ଯୋଡ଼ା ର ମିଳିତ ପ୍ରୟାସ ରେ ଆୟୋଜିତ ହୋଇ ଥିଲା । କାର୍ଯ୍ୟକ୍ରମ ଶେଷ ରେ ସମସ୍ତ ଙ୍କ ପାଇଁ ଜଳ ପାନ ର ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ର ସହିତ କାର୍ଯ୍ୟକ୍ରମ ଟି ସମାପନ ହୋଇ ଥିଲା।

## ଆସିଲା ଶୀତ, ଜଗନ୍ନାଥଙ୍କ ଜନ୍ମଦାତ୍ରୀଙ୍କୁ କରାଗଲା ଘୋଡଲାଗି



କାକଟପୁର,(ମହାଭାରତ):ମହାଭାରତ - ହିମାଳୟ ରୁ ଆସିଲାଣି ଶୀତ ର ଲହରୀ, ଶୀତ ର ପ୍ରଭାବ ରେ ସାରା ଦେଶ ଏବେ ଥରିଲାଣି, ଜୀବଜଗତ ଉପରେ ଶୀତ ର ପ୍ରଭାବ ଅନୁଭୂତ ହେଲାଣି ଆଉ ଠିକ ସେହିପରି ମାନବୀୟ ଲୀଳା ରଚନା କରୁଥିବା କାକଟପୁର ର ଅଧିଷ୍ଠାତ୍ରୀ ଦେୀ ଜଗତଜନନୀ ମା ମଙ୍ଗଳା ଙ୍କୁ ଲାଗି ହୋଇଛି ଘୋଡ । ଆମେ ଯେପରି ଶୀତ ପ୍ରକୋପ ରୁ ବଞ୍ଚିବା ପାଇଁ ଚଦର ର ବ୍ୟବହାର କରୁଛେ ଠିକ ସେହିପରି ମା ମଙ୍ଗଳା ଙ୍କୁ ଚଦର ବା ଆମ ସନାତନ ହିନ୍ଦୁ ପାରମ୍ପରିକ ଦୈବୀ ଭାଷା ଘୋଡ ଲାଗିହେବ, ଏହି ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଆଉ ଏହି ଘୋଡ ଲାଗି ବେଶ ମଧ୍ୟ ଅତ୍ୟନ୍ତ ଦୁର୍ଲ୍ଲଭ । ପିପିଲି ର ସ୍ୱତନ୍ତ୍ର ଚନ୍ଦୁଆ କାରିଗର ମାନେ ଏହି ଘୋଡ ପ୍ରସ୍ତୁତି କରନ୍ତି ଯାହା ମନ୍ଦିର ପ୍ରସାସନ ର ଦାୟିତ୍ୱ ରେ ହୁଏ, ବ୍ରହ୍ମମୁହୂର୍ତ୍ତ□ରୁ ମା ଙ୍କ ମଙ୍ଗଳ ଆରତୀ, ମୈଲମ, ତା ପରେ ଚୁଆ, ଚନ୍ଦନ, ଶ୍ରୀ କର୍ପୁର, ଅଗୁରୁ, ଚୁଆ ତୈଳ, ଦେଶୀୟ ହଳଦୀ ବଟା, ମେଥି ଚୂର୍ଣ୍ଣ ରେ ପ୍ରସ୍ତୁତ ଔଷଧୀୟ ସୁବାସିତ ଜଳ ରେ ସ୍ନାନ ସରିବା ପରେ ମା ଙ୍କୁ ନୂତନ ବସ୍ତ୍ର, ଓଢଣୀ, ଶଙ୍ଖା ସିନ୍ଦୁର ଅଳଙ୍କାର ରେ ଭୂଷିତ କରାଯିବା ପରେ ଏହି ଘୋଡ ଲାଗି ହୁଏ, ଶୀତ ର ପ୍ରକୋପ ରୁ ମା ଙ୍କୁ ସୁରକ୍ଷା ପାଇଁ ସେବାୟତ ଙ୍କ ଏହି ଅନନ୍ୟ ସେବା ଘୋଡ ଲାଗି ହୁଏ, ରେଶମ କପଡା ରେ ପ୍ରସ୍ତୁତି ଘୋଡ ଅତ୍ୟନ୍ତ ମନଲୋଭୀକ୍ଷ ପ୍ରତ୍ୟେକ ବର୍ଷ ଓଡ଼ିଆ ଘର ମାର୍ଗଶିର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ବା ଓଢଣୀ ଷଷ୍ଠୀ ରେ ରାତି ରେ ବଡ ସିଂହାର ହେବା ପରେ ଏହି ଘୋଡ ଲାଗି ହୁଏ, ଆଉ ପ୍ରତ୍ୟେକ ଦିନ ସକାଳୁ ରାତ୍ରି ପର୍ଯ୍ୟନ୍ତ ଏହି ବେଶ ରେ ମା ଭକ୍ତ ଙ୍କୁ ଦର୍ଶନ ଦିଅନ୍ତି, ଏହି ବେଶ ଓଢଣୀ ଷଷ୍ଠୀ ରୁ ଆରମ୍ଭ ହୁଏ ମାଘ ମାସ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ବା ସରସ୍ୱତୀ ପୂଜା ଦିନ ଶେଷ ହୁଏ, କିନ୍ତୁ ମକର ସଂକ୍ରାନ୍ତି ଦିନ ଦିନ ବେଳା ମା କେବଳ ଲୁଗା ଓ ଆଭୂଷଣ ରେ ଦର୍ଶନ ଦିଅନ୍ତି ଓ ପୁନଃବାର ରାତିରେ ଘୋଡ ଲାଗିହୁଏ । ଏହି ବେଶ ରେ ମା ଙ୍କର କେବଳ ଶ୍ରୀ ମୁଖ ଦର୍ଶନ ହୁଏ ଆଉ ମା ମାନବୀୟ ଲୀଳା ରେ ଭକ୍ତ ଙ୍କୁ ଶୀତ ର ପରିବେଶ ରେ ଆଶିଷ ପ୍ରଦାନ କରନ୍ତି, ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ, ମହେନ୍ଦ୍ର ଦୀକ୍ଷିତ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ କୁହନ୍ତି ମା ଅସୀମ ଯିଏ ଜଗତର ନାଥ ଜଗନ୍ନାଥ ଙ୍କୁ ଜନ୍ମ ଦିଅନ୍ତି ତାଙ୍କ ବିଷୟରେ କିଏ କଣ କହିପାରିବ, ସେ ଅନ୍ତର୍ଯ୍ୟାମୀ ଆଉ ସର୍ବମୟୀ ଆଉ ଏହି ଶୀତ ଋତୁ ରେ ରାଜ୍ୟ ଓ ରାଜ୍ୟ ବାହାର ଭକ୍ତ ଛୁଟି ଆସନ୍ତି ମା ଙ୍କର ଦୁର୍ଲଭ ବେଶ ଦର୍ଶନ ସହିତ କୃପା ଭିକ୍ଷା କରିବାକୁ ।

## ଶିକ୍ଷକଙ୍କୁ ବଦଳି ନ କରିବା ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ, ଧାରଣାରେ ବସିଲେ ଛାତ୍ରଛାତ୍ରୀ

ବେଗୁନିଆ,(ମହାଭାରତ):ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେସନରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ଦାବିରେ ଗ୍ରାମବାସୀ ସମ୍ମୁଖ ଫାଟକକୁ ତାଲା ପକାଇବା ସହ ଛାତ୍ରଛାତ୍ରୀ ମାନେ ଧାରଣାରେ ବସି ପ୍ରତିବାଦ କରିଥିଲେ। ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରିୟା ପ୍ରୀତି ଯୋଗୁଁ ଅଭିଭାବକ ମହଲରେ ଚପା ଅସନ୍ତୋଷ ଦେଖା ଦେଇଛି। ଏପରିକି ଛାତ୍ରଛାତ୍ରୀ ମାନଙ୍କୁ ଦିଆ ଯାଇଥିବା ମଧ୍ୟାହ୍ନ ଭୋଜନ ବହୁ ବିଳମ୍ବରେ ଦିଆ ଯାଇଥିଲା। ସୂଚନା ଅନୁଯାୟୀ ଡେପୁଟେସନରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ପାଇଁ ବିଧାୟକ ପ୍ରଦୀପକୁମାର ସାହୁ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଓ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଗତ ନଭେମ୍ବର ମାସ ୪ ରିଖରେ ଅଭିଯୋଗ କରିଥିଲେ। ଏଥିରେ ବିଧାୟକ ଶ୍ରୀ ସାହୁ ଜନ ସାଧାରଣଙ୍କ ଗୁରୁତ୍ୱକୁ ଉପଲବଧି କରି ତୁରନ୍ତ ସମାଧାନ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହା କଥା ନ ଶୁଣି ନିଜ ସ୍ୱାର୍ଥ ସାଧନ ପାଇଁ ଗତ ୨ ରିଖରେ ତାଙ୍କ ଚିଠି ନଂ ୨୫୦୫ରେ ସମ୍ପୃକ୍ତ ଶିକ୍ଷକଙ୍କ ଡେପୁଟେସନ ଅର୍ଡରକୁ ବାତିଲ କରି ନିଜ ସ୍କୁଲକୁ ଫେରିଯିବା ପାଇଁ ଚିଠି କରିଛନ୍ତି । ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ୬ଷ୍ଠ ,୭ମ ଶ୍ରେଣୀ ଥିବା ଯୋଗୁଁ ସେଠାରେ ୩ଜଣ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ,ବବିତା ନାୟକ ଓ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟ କରୁଥିଲେ । ବିଶ୍ୱରଞ୍ଜନ ବେହେରାଙ୍କୁ ସିଆରସିସି କରି ପଠାଇବା ପରେ ଶିକ୍ଷାଦାନ ବ୍ୟାହତ ହୋଇଥିଲା ଯଫଳରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଉତପଡାର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କୁ ଗୋଡା ଗ୍ରାମ ସ୍ଥିତ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଥିଲେ।ସେଠାରେ ତାଙ୍କର ଶିକ୍ଷାଦାନ କରିବା ଯୋଗୁଁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରିଥିବାରୁ ଗ୍ରାମର ଜନସାଧାରଣ ଓ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ସ୍ଥାନାନ୍ତର ନ କରିବା ପାଇଁ ଲିଖିତ ଅଭିଯୋଗ କରିଥିବା ବେଳେ ବିଧାୟକ ମଧ୍ୟ ସୁପାରିଶ କରିଥିଲେ ।କିନ୍ତୁ କାହା ସ୍ୱାର୍ଥରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ କଥା ଉପରେ ଗୁରୁତ୍ୱ ନ ଦେଇ ସମ୍ପୃକ୍ତ ଶିକ୍ଷକଙ୍କୁ ନେବା ପାଇଁ ନିର୍ଦ୍ଦେଶ ଜାରି କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରାଜୁଏଟ ଶିକ୍ଷକଙ୍କୁ ଧାନଘର ନୂଆଗାଁରୁ ଭି(ଡି)କୁ ପ୍ରମୋସନ ପାଇ ରାଉତପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ଏଠାରୁ ଲେବୁଲ ୪କୁ ପ୍ରମୋସନ ପାଇବା ପରେ ଚକାପଦା ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିଯୁକ୍ତି ପାଇଥିଲେ। ସରକାରୀ ନିୟମ ନ ଥିବାବେଳେ ଜଣେ ଲେବୁଲ ୪ ଶିକ୍ଷକଙ୍କୁ ପୁନଶ୍ଚ ୧୦ ରିଖ ଜାନୁଆରୀ ମାସ ୨୦୨୩ ମସିହାରେ ଚିଠିନଂ୮୪ରେ ଗ୍ରାଜୁଏଟ ଶିକ୍ଷକଙ୍କୁ ରାଉତପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ ଅର୍ଡର କାହା ସ୍ୱାର୍ଥରେ କରା ଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।ସେବେଠାରୁ ରାଉତପଡାରେ କାର୍ଯ୍ୟ କରି ଆସୁଥିବାବେଳେ ଗତ ନଭେମ୍ବର ମାସ ୩୦ ତାରିଖରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତିଳତ୍ତମା ମହାପାତ୍ରଙ୍କର ଅବସର ଗ୍ରହଣ ଦିନ ଗ୍ରାଜୁଏଟ ଶିକ୍ଷକଙ୍କର ମାତ୍ରାଧିକ କାର୍ଯ୍ୟ ଯୋଗୁଁ ସେଠାରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିଥିଲା ।ଯାହା ଫଳରେ ରାଉତପଡା ନ ଯିବା ପାଇଁ ମନସ୍ଥ କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଉପରେ ନିଜର ପତିଆରା ଜାହିର କରିଥିଲେ।ଗୋଷ୍ଠୀ ଶିକ୍ଷା ଅଧିକାରୀ ଗ୍ରାଜୁଏଟ ଶିକ୍ଷକଙ୍କର ଡେପୁଟେସନ ଅର୍ଡର ବାତିଲ କରି ପୁଣି ଚକାପଦା ରାମଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଗ ଦେବା ପାଇଁ ଅର୍ଡର କରିଥିଲେ ଯଅନ୍ୟପଟେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଧାୟକଙ୍କ ଠାରୁ ଆରମ୍ଭ କରି ଗୋଡ଼ା ଗ୍ରାମର ଜନସାଧାରଣ ,ଛାତ୍ର ଅଭିଭାବକ ଏବଂ ପରିଚାଳନା କମିଟି କଥାକୁ ଗୁରୁତ୍ୱ ନଦେଇ ଶ୍ରୀ ପୃଷ୍ଟିଙ୍କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଉତପଡାକୁ ଅର୍ଡର କରିଛନ୍ତ ।ଯାହାର ପରିଣାମ ସ୍ୱରୂପ ଆଜି ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରତ ପରିଡାଙ୍କ ନେତୃତ୍ୱରେ ଛାତ୍ର ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତା ମାନେ ବିଦ୍ୟାଳୟ ଗେଟ ରେ ତାଲା ପକାଇଥିଲେ।ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଆଗରେ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ ।ଗୋଷ୍ଠୀ ଶିକ୍ଷା ଅଧିକାରୀ ଘଟଣା ସମ୍ପର୍କରେ ଜାଣି ମଧ୍ୟ ନ ଯାଇ ସିଆରସିସିଙ୍କ ମାଧ୍ୟମରେ କଥାବାର୍ତ୍ତା କରି ତାଙ୍କ କାର୍ଯ୍ୟାଳୟକୁ ଡାକିଥିଲେ ଯଫଳରେ ଅପରାହ୍ନ ୧ଘଣ୍ଟା ସମୟରେ ବିଦ୍ୟାଳୟର ତାଲା ଖୋଲାଯାଇ କମିଟିର ସଭାପତି ଶ୍ରୀ ପରିଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଯାଇଥିଲେ ।କିନ୍ତୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ଜିଦରେ ଅଟଳ ରହିବା ଯୋଗୁଁ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ସମେତ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରି ଫେରିବା ସହିତ ଆସନ୍ତା କାଲି ପୁନଶ୍ଚ ବିଦ୍ୟାଳୟରେ ତାଲା ପକାଇବେ ବୋଲି କହିଛନ୍ତି । ଏହି ଘଟଣା ସମ୍ପର୍କରେ ବିଇଓ ଭାସ୍କର ଲେଙ୍କାଙ୍କୁ ପଚାରିବାର ଶିକ୍ଷକ ଜଣକ ଏଭଳି କରିଛନ୍ତି ବୋଲି କହିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜର ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଗ୍ରାଜୁଏଟ ଶିକ୍ଷକ ଡେପୁଟେସନ ବାବଦରେ ପଚାରି ବାରୁ କ୍ୟାନସର ରୋଗରେ ପୀଡିତ ହୋଇ ଥିବାରୁ ତାଙ୍କୁ ଫେରାଇ ଅଣା ଯାଇଛି ବୋଲି କହିଛନ୍ତି। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବେଗୁନିଆ ବ୍ଲକରେ ବ୍ରେନଷ୍ଟ୍ରୋକ ଯୋଗୁଁ ଆକ୍ରାନ୍ତ ହୋଇ ଶିକ୍ଷକ ଜଣକ ନିୟମିତ ଭାବେ ୭ କିମି ଯାଇ ଶିକ୍ଷାଦାନ କରିଥାନ୍ତି। ଏହିଭଳି ଅନେକ ଶିକ୍ଷକ ଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହିଁକି ଗ୍ରାଜୁଏଟ ଶିକ୍ଷକଙ୍କୁ ଘଣ୍ଟ ଘୋଡାଇ ରଖିଛନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି।

## ଅଶ୍ରୁର ୩୬ ତମ ରାଜ୍ୟ ସମ୍ମିଳନୀ ଉଦଘାଟିତ

ଅନୁଗୋଳ ,(ମହାଭାରତ ): ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟିଭ୍ ୟୁନିୟନ ( ଓଡ଼ିଶା ରାଜ୍ୟ ବିକ୍ରୟ ପ୍ରତିନିଧି )ର ୩୬ ତମ ରାଜ୍ୟ ସ୍ତରୀୟ ସମ୍ମିଳନୀ ଅନୁଗୋଳ ଜିଲ୍ଲା ନାଲକୋ ନେସ୍ ଅଫିସ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସି.ଆଇ.ଟି.ୟୁ ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବେଳେ ସଞ୍ଜୟ ସେନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ସରକାର ଯେମିତି ସରକାରୀ ଔଷଧ ଓ ଜନ ଔଷଧି କେନ୍ଦ୍ର ମାଧ୍ୟମରେ କମ୍ ପଇସାରେ ଔଷଧ ଯୋଗାଇ ଦେଉଛନ୍ତି ସେହିପରି ବେସରକାରୀ ଔଷଧ କମ୍ପାନୀ ଓ ଡାକ୍ତରଖାନା ଗୁଡ଼ିକରେ ଚଢାଦରରେ ବିକ୍ରୀ ହେଉଥିବା ଔଷଧ ଉପରେ କଟକଣା ଲଗାଯାଉ । ଏଥିସହିତ ବେସରକାରୀ ଡାକ୍ତରଖାନା ଗୁଡ଼ିକରେ ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନା କରି ଚିକିତ୍ସା ବ୍ୟବସ୍ଥା କରାଯାଉଥିବା ପରି ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସାର ମାନ ବୃଦ୍ଧି କ୍ଷେତ୍ରରେ ମଧ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିୟ ଔଷଧ ଉପରେ ଲାଗୁଥିବା ଜିଏସଟିକୁ ଅପସାରଣ କରାଯାଉ । ବିକ୍ରୟ ପ୍ରତିନିଧୀ ସୁରକ୍ଷା କାର୍ଯ୍ୟ ୧୯୭୬ ଲାଗୁ କରାଯାଉ,ଡାଟା ଗୋପନୀୟତା ରକ୍ଷା କରିବା ଫ୍ରେମ୍ ବିଧିଗତ କାର୍ଯ୍ୟ ବିକ୍ରୟ ପ୍ରୋତ୍ସାହନ କର୍ମଚାରୀଙ୍କୁ ନିୟମ ଲାଗୁ କରିବା ।ସରକାରୀ ଡାକ୍ତରଖାନା ଏବଂ ଅନୁଷ୍ଠାନରେ କାର୍ଯ୍ୟ କରିବାର ଅଧିକାର ଏବଂ ୮ଘଣ୍ଟା କାର୍ଯ୍ୟର ବିଜ୍ଞପ୍ତି ନିଶ୍ଚିତ କରାଯାଉ ଯଚରି ଶ୍ରମିକ ବିରୋଧୀ ସଂକେତକୁ ସ୍କ୍ରାପ୍ କରାଯାଉ ବୋଲି ସମ୍ମିଳନୀ ରେ ସରକାରଙ୍କୁ ଆହ୍ୱାନ କରାଯାଇଥିଲା। ମଞ୍ଚରେ ଅଶ୍ରୁର ରାଜ୍ୟ ସଭାପତି ମହେନ୍ଦ୍ର କୁମାର ସାହୁ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତି ଥିଲେ। ବୈଠକ ଟି ଡ଼ିସେମ୍ବର ୭ ଓ ୮ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ବେଳେ ଏଥିରେ ରାଜ୍ୟ ର ସମସ୍ତ ଜିଲ୍ଲାର ମେଡିକାଲ ରିପ୍ରେଜେଣ୍ଟିଭ୍ , ବିଭିନ୍ନ ଉତ୍ପାଦ ଦ୍ରବ୍ୟ ଗୁଡ଼ିକ ର ବିକ୍ରୟ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ଗୋରୁମହିଷାଣୀ ଅଂଚଳର ଧର୍ମପରାୟଣ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ପଟ୍ଟନାୟକଙ୍କ ମହାପ୍ରୟାଣ

ରାଇରଙ୍ଗପୁର (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ ଅଞ୍ଚଳର ଧର୍ମପରାୟଣ , ଏବଂ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ପଟ୍ଟାୟକ(୮୪ )ଙ୍କ ଗୋରୁମହିଷାଣୀ ନିକଟସ୍ଥ ସାନ ମଉଦା ଗ୍ରାମର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଗୋରୁମହିଷାଣୀ ଅଂଚଳର ଜଣେ ଜଣାଶୁଣା,ଧର୍ମପରାୟଣ , ମିଷ୍ଟଭାଷୀ , ଛାତ୍ର ବତ୍ସଳ, ,ପରୋପକାରୀ,ଆଧ୍ୟାତ୍ମବାଦୀ,ଦରଦୀ ମଣିଷ ଓ ବରିଷ୍ଠ ନାଗରିକ ଥିଲେ । ତୁରମଙ୍ଗା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଗୋରୁମହିଷାଣୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରି । ପରବର୍ତ୍ତୀ ସମୟରେ ସ୍ୱର୍ଗତ ପଟ୍ଟନାୟକ ବାଇଗଣବଡିଆ ଉଚ୍ଚ ବିଦ୍ୟାଳୟ ଓ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟରେ ସଫଳତାର ସହିତ ପ୍ରଧାନ ଶିକ୍ଷକ ଦାଇ ନିର୍ବାହ କରି ୨୦୦୦ମସିହାରେ ଚାକିରିରୁ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ ଗୋରୁମହିଷାଣୀ ଅଂଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହିତ ଜଡିତ ଥିଲେ ।ଗୋରୁମହିଷାଣୀ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟ ଭାବେ ବେଶ ପରିଚିତ ଥିଲେ । ହଠାତ ଅସୁସ୍ଥତା ଅନୁଭବ କରିବାରୁ ତୁରନ୍ତ ତାଙ୍କ ନାତି ସିତୁ ପଟ୍ଟନାୟକ ଡାକ୍ତରଙ୍କୁ ପରାମର୍ଶ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ତ୍ରୀ ଅବସପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି ପଟ୍ଟନାୟକ ବଡପୁତ୍ର ସଞ୍ଜୀବ ପଟ୍ଟନାୟକ ସୀମାନ୍ତ କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ, ତାଙ୍କର ମଧ୍ୟମ ପୁତ୍ର ସ୍ୱର୍ଗତ ଜିତୁ ପଟ୍ଟନାୟକ ଜଣେ ସମାଜସେବୀ, ଶିକ୍ଷାବିତ୍ ତଥା ଯାମଦା +୨ କଲେଜର ଅଧକ୍ଷ ଥିଲେ ,କନିଷ୍ଠ ପୁତ୍ର ସେଭେନ ନିଉଜ ଏବଂ ଦର୍ଶନ ଦୈନିକ ଖବର କାଗଜର ସାମ୍ବାଦିକ ସୁଜି ପଟ୍ଟନାୟକ, ନାତି ସୀତୁ ପଟ୍ଟନାୟକ ଓ ଲିତୁ ପଟ୍ଟନାୟକ ସମାଜସେବୀ ଭାବେ ଅଞ୍ଚଳରେ ବେଶ ପରିଚିତ ।ତାଙ୍କର ଦେହାନ୍ତ ସମୟରେ ତାଙ୍କ ଧର୍ମପତ୍ନୀ ଦୀପା,ପୁଅ, ବୋହୂ,ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ଖବର ପାଇ ଗୋରୁମହିଷାଣୀ ଆଖପାଖ ଅ□ଳରେ ଶୋକରେ ଛାୟା ଖେଳି ଯାଇଥିଲା । ଖବର ପାଇ ଜ୍ଞାତି ପରିଜନ, ବନ୍ଧୁବାନ୍ଧବ,ଶୁଭେଚ୍ଛୁ,ଆତ୍ମୀୟ, ବୁଦ୍ଧିଜୀବୀ , ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ ସହ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥିଲେ ।ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଅଛି। ବଡ଼ପୁଅ ସଂଜୀବ ମୁଖାଗ୍ନି ଦେଇଥିଲେ ।

## ଜୁନାଗଡ଼ରେ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ମହାପରି ନିର୍ବାଣ ଦିବସ ପାଳିତ

ଜୁନାଗଡ଼,(ମହାଭାରତ) -ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ତରଫରୁ ବାବା ସାହେବ ଡ଼ଃ ବି ଆର ଆମ୍ବେଦକର ଙ୍କ ର ମହାପରୀର୍ନିବାଣ ଦିବସ ସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ସ୍ଥାନୀୟ ନୂଆ ବଷ୍ଟାଣ୍ଡ ଠାରେ ବାବା ସାହେବ ଙ୍କ ର ପ୍ରତିମୂର୍ତ୍ତି ରେ ପ୍ରତ୍ୟୁଷ ରେ ସଂଗଠନ ର କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧା ସୁମନ ସହ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସନ୍ଧ୍ୟା ରେ ଷ୍ଟେଚୁ ସମ୍ମୁଖରେ ସଂଗ୍ରାମ ସମିତି ର ସଭାପତି ରଞ୍ଜନ କୁମାର ଜାଲ ଙ୍କ ସଭାପତିତ୍ୱ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଶିକ୍ଷାବିତ ତଥା ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ରହି ବାବା ସାହେବ ଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମାଜ ର ସମନ୍ତରାଳ ବିକାଶ ପାଇଁ ସମସ୍ତେ ପ୍ରସ୍ତୁତ ହେବା କୁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ।ମହାପୁରୁଷ ବାବାସାହେବ ଆମକୁ ସମ୍ବିଧାନ ପରି ଏକ ଦୁର୍ଲଭ ଅସ୍ତ୍ର ପ୍ରଦାନ କରିଛନ୍ତି, ଏହାକୁ ପାଥେୟ କରି ଆମେ ସମାଜର ପ୍ରତେକବର୍ଗର ଲୋକଙ୍କ ବିକାଶ କରି ପାରିବା ବୋଲି ସଭାପତି ରଂଜନ ଜାଲ ନିଜ ଅଭିବ୍ୟକ୍ତରେ ପ୍ରକାଶ କରିଥିଲେ। ସଂଗଠନର ବରିଷ୍ଠ କର୍ମକର୍ତ୍ତା, ପୂର୍ଣେନ୍ଦୁ ମାଝୀ, ସୁଶାନ୍ତ ନାଏକ, ଶିବ ଶଙ୍କର ମହାନନ୍ଦ, ରତନ ଧଙ୍ଗଡ଼ାମାଝୀ, ଗୌରାଙ୍ଗ ସୁନା,ରବିଶଙ୍କର ସୁନାନୀ ଅଞ୍ଜନ କ୍ଷିତି, ଘାସି କ୍ଷିତି,କାଶୀନାଥ ଘି,ରଘୁମଣି ପୁଝାରୀ,ସପ୍ତେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବାବାସାହେବଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି। ଏହି କାର୍ଯ୍ୟକ୍ରମ ରେ ସହରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଥିଲେ।

## କମ୍ପାନୀ ମାଲିକଙ୍କ କବଜାରେ ଜାତୀୟ ରାଜପଥ



କୋଇଡା (ମହାଭାରତ) ନଗେଶ ଚନ୍ଦ୍ର ପାଢ଼ୀ : କୋଇଡା ଥାନା ଅଞ୍ଚଳର ୫୨୦ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାବେ ଟ୍ରକ ପାର୍କି ପାଇଁ ବଢୁଛି ଦୁର୍ଘଟଣା । ଚାଳକମାନେ ରାସ୍ତା ଉପରେ ଟ୍ରକ ପର୍କି କରୁଛନ୍ତି ଯାହାଫଳରେ ରାତିରେ ପଛରୁ ଆସୁଥିବା ଗାଡ଼ି ଗୁଡିକ ଜାଣି ନ ପାରିବାରୁ ଦୂର୍ଘଟଣା ବଢୁଛି ।ସେହିପରି ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଭୟଙ୍କର ଜାମ ଯୋଗୁ ଆମ୍ବୁଲାନ୍ସ ଏବଂ ସ୍କୁଲ ବସ ଘଣ୍ଟା ଘଣ୍ଟା ଜାମ ରେ ଫସି ରହୁଥିବା ଦେଖିବାକୁ ମିଳିଛି। ପଠା ପଢିବାକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ଯାମରେ ଫସି ରହୁଛନ୍ତି । ବାଇକ ଆରୋହୀ ଓ ପଥଯାତ୍ରୀ ରେ ଯିବା ଆସିବା ବହୁ କଷ୍ଟକର ହୋଇ ପଡୁଥିବା ବେଳେ ଅଧିକାଂଶ ସମୟରେ ଦୁର୍ଘଟଣାରେ ନିରୀହ ଜୀବନ ଯାଉଥିବା ଦେଖିବାକୁ ମିଳିଛି । କୋଇଡା ଖଣି ଅଞ୍ଚଳର କୋଇଡା , କାଶିର , ପାଟମୁଣ୍ଡା ଡେଙ୍ଗୁଲା, ମାଳଦା , ଟେନସା ପଞ୍ଚାୟତରେ ଥିବା ୩୦ରୁ ଉର୍ଦ୍ଧ ଖଣିରୁ ପ୍ରତ୍ୟେକ ଦିନ ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଶିଳ୍ପାନୁଷ୍ଠାନ ଗୁଡିକୁ ଖଣିଜ ପଦାର୍ଥ ପରିବହନ ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବଡ ବଡ ଟ୍ରକ୍ ଗୁଡ଼ିକ ଖଣି ପରିବହନ ପାଇଁ ଆସୁଛନ୍ତି । ଖଣି କମ୍ପାନୀ ଗୁଡ଼ିକର ନିଜସ୍ ପାର୍କିଂ ବ୍ୟବସ୍ଥା ନଥିବାରୁ ୫୨୦ ନମ୍ବର ଜାତୀୟ ରାଜପଥ ଓ କୋଇଡା ବରସୁଆଁ ରାଜପଥରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟ୍ରକ୍ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ରହୁଛନ୍ତି । ଏପରିକି ପରିବହନ ସଂସ୍ଥାମାନେ ରୋଡ ଉପରେ ଟ୍ରକ ଗୁଡିକୁ ଲୋଡି ସ୍ଲିପ ଏବଂ ଚାଲାଣ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି। ଖଣି ମାଲିକ ଏବଂ ପରିବହନ ସଂସ୍ଥାମାନଙ୍କ ପାଇଁ କୋଇଡା ଟ୍ରାଫିକ ବ୍ୟବସ୍ଥା ବାରବାଦ ହୋଇ ପଡିଛି । ଏବେ ଜନସାଧାରଣ ମଧ୍ୟରେ ଗୋଟିଏ ବଡ଼ ପ୍ରଶ୍ନ ଯଦି ରାସ୍ତା ଉପରେ ବେଆଇନ ପାର୍କିଂ କରାଗଲେ ଜୋରିମାନା ର ବ୍ୟବସ୍ଥା ଥିଲା ବେଳେ ଏହା କୋଇଡା ରେ କାର୍ଯ୍ୟକାରୀ ହେବା ପରି ଦେଖା ଯାଉନାହିଁ । ଯଦି ରାସ୍ତା ଉପରେ ବେଆଇନ ପାର୍କିଂ କରୁଥିବା ଗାଡି ଗୁଡିକୁ ଫାଇନ କଟା ହୁଅନ୍ତା ତେବେ ଏହାର ବାସ୍ତବ ଚିତ୍ର ଅଲଗା ହୋଇଥାନ୍ତା। ଏଭଳି ସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଖଣି ପାଇ ନିୟମ ଅଲଗା ଏବଂ ଆୟାକର ଦେଉଥିବା ଜନସାଧାରଣ ପାଇ ଅଲଗା। ଖଣି ଲିଜ ଧାରି ମାନଙ୍କ ପାଇଁ ନିଜର ସ୍ତନ୍ତ୍ର ପାର୍କିଂ ବ୍ୟବସ୍ଥା ରଖିବାର ନିୟମ ଥିଲା ବେଳେ କାହିଁକି ଖଣି ମାଲିକ ଏବଂ ପ୍ଲାଣ୍ଟ□ ମାଲିକ ମାନେ ନିଜର ପାର୍କିଂର ସୁବିଧା ନରଖି ସରକାର ନିୟମକୁ ବେଖାତିର କରି ହଜାର ହଜାର ଗାଡ଼ି ଗୁଡ଼ିକୁ ରାଜରାସ୍ତା ଉପରେ ବେଆଇନ ପାର୍କିଂ କରୁଛନ୍ତି । ଯଦି କେହି ଜନସାଧାରଣ ଏହା ଉପରେ ସ୍ୱର ଉଠାଉଛନ୍ତି ସେତେ ବେଳକୁ କମ୍ପାନୀ ତାଙ୍କୁ ନାଲି ଆଖି ଦେଖାଇବା ସହିତ ଥାନାର ଧମକ ଦେବା ମଧ୍ୟ ଦେଖା ଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି କମ୍ପାନୀ ମାଲିକ ମାନେ କୋଇଡା ପ୍ରଶାସନକୁ ଖେଳନା କରି ଖେଳୁ ନାହାନ୍ତି ତ ? ଯଦି ନୁହେଁ ତେବେ କାହିଁକି କୋଇଡା ପ୍ରଶାସନ ଚୁପ ବସିଛି ? ଏବେ ଦେଖିବାକୁ ବାକି ରହିଲା କୋଇଡା ପ୍ରଶାସନ କିଛି ପଦକ୍ଷେପ ନେଉଛି କି ସବୁ ଦେଖି ନ ଦେଖିଲା ପରି ରହୁଛି ତାହା ଉପରେ କୋଇଡାବାସୀଙ୍କ ନଜର ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଖପ୍ରାଖୋଲରେ ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର

ଖପ୍ରାଖୋଲ, (ନିପ୍ର): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜୀତ ହୋତା, ସମ୍ମାନୀତ ଅତିଥି ରୂପେ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ ବିଧାୟକ ଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦ ଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ କୁମାର ଭାଇସାଲ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପରିଚାଳନା କରିଥିବା ବେଳେ ଶିବିରରେ ଚକ୍ଷୁ, କର୍ଣ୍ଣ, ନାଶା ଓ ଗଲା, ମାନସିକ ରୋଗ, ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଯୋଗଦେଇ । ଏହି ଅବସରରେ ୧୩ ଜଣ ବାକ ବାଧିତ,୪୧ ଜଣ ଶ୍ରବଣ ବାଧୀତ, ୩୧ ଜଣ ମାନସିକ ଅନଗ୍ରସର, ୩୧ ଜଣ ଦୃଶ୍ୟ ବାଧିତ, ୧୧୩ ଜଣ ଶାରରିକ ଅକ୍ଷମ ପଞ୍ଜିକୃତ ହୋଇଥିବା ବେଳେ ବିଶେଷଜ୍ଞ ଡାକ୍ତର ମାନେ ପରୀକ୍ଷା କରି ଅକ୍ଷମତା ନିରୂପଣ କରିଥିଲେ । ଅକ୍ଷମତା ଅନୁସାରେ ଆଗାମୀ ଦିନରେ ପ୍ରମାଣ ପତ୍ର ସହିତ ବିଭିନ୍ନ ଉପକରଣ ମାଗଣାରେ ପ୍ରଦାନ କରାଯିବ ବୋଲି ଜଣା ଯାଇଛି ।

# ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ରଚିଛି ସୁବର୍ଣ୍ଣ ସ୍ୱାକ୍ଷର




ଭଦ୍ରକ, (ନିପ୍ର): ଭଦ୍ରକ ଭୂମି ତ୍ୟାଗ, ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ସୁବର୍ଣ୍ଣ ସ୍ୱାକ୍ଷର ରଚିଛି । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଯେପରି ଜାତୀୟବାଦୀ ସଂଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିଲେ ସେପରି ଉତ୍କଳ କେଶରୀ ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ମହମ୍ମଦ ହନିଫ୍, ନିତ୍ୟାନନ୍ଦ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, କମଳା ପ୍ରସାଦ କର, ସର୍ଦ୍ଦାର ମୁରଲୀଧର ପଣ୍ଡା, ବୈଷ୍ଣବ ଚରଣ ନାୟକ, ମୁରଲୀଧର ଜେନା ପ୍ରମୁଖ ସଂଗ୍ରାମୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଯାହାଫଳରେ ଏହି ଭୂମିରେ ପରି ବେଙ୍ଗ୍ରା ସହ ଅଠତିରିଶ ଜଣ ଶହୀଦ ହୋଇଥିଲେ ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଦ୍ୱାଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ଷଷ୍ଠ ସଂନ୍ଧ୍ୟାରେ 'ଜାତୀୟତାବାଦୀ ଆନ୍ଦୋଳନ ପୃଷ୍ଠାରେ ଭଦ୍ରକ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଆରକ୍ଷୀ ଅଧିକ୍ଷକ ଏମ୍. ସନ୍ଦୀପ ସମ୍ପଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବସର ପ୍ରାପ୍ତ ଅଧକ୍ଷ ତଥା ବରିଷ୍ଠ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା, ଓରିଏଣ୍ଟ ପବ୍ଲିକେଶନ ନିର୍ଦ୍ଦେଶକ ମନୋରଞ୍ଜନ ଦାଶ ବିଶିଷ୍ଟ ଅତିଥି, ବାଲେଶ୍ୱର ହସ୍ତତନ୍ତ ଓ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ, ଭଦ୍ରକ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ବସନ୍ତ କୁମାର ରାଉତ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ କୁମାର ମହାପାତ୍ର, ଚିତ୍ରଶିଳ୍ପୀ ଓ କଳାକାର ପ୍ରଭାତ କୁମାର ଜେନା, ଶିକ୍ଷାବିତ ଡ. ପୁରୁଷୋତ୍ତମ ଧଳ, କବୟିତ୍ରୀ ରୋଜାଲିନ ରାଉତ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କବୟିତ୍ରୀ ସଂଯୁକ୍ତା ବଳ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

# ଭାରତୀୟ ସୀମା ନିକଟରେ ବାଂଲାଦେଶ ତିଆରି କରୁଛି ସାମରିକ ଭି□ଭୂମି

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚର ମଧ୍ୟରେ ବାଂଲାଦେଶ ସରକାର ଭାରତ ବିରୋଧରେ ଏକ ନୂଆ ମୋର୍ଚ୍ଚା ଖୋଲିଛନ୍ତି । ଭାରତୀୟ ସୀମା ନିକଟରେ ବାଂଲାଦେଶ ସାମରିକ ଭି□ଭୂମି ନିର୍ମାଣ କରୁଛି । ବାସ୍ତବରେ ଉ□ର ବେଙ୍ଗଲର ଚିକେନ୍ ନେକ୍ ନିକଟରେ ଦୁଇଟି ସ୍ଥାନରେ ଏୟାରଷ୍ଟ୍ରିପ୍ ନିର୍ମାଣ କରାଯାଉଛି । ଅନ୍ୟ ପକ୍ଷରେ ଆଉ ଦୁଇଟି ଷ୍ଟ୍ରିପ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ର୍ନିମିତ ହୋଇଥିଲା ଯେତେବେଳେ ଏହି ସ୍ଥାନ ଭାରତରେ ଥିଲା । ଠାକୁର ଗ୍ରାମ ଏବଂ ଲାଲ ମଣିର ହାଟ ନାମକ ଦୁଇଟି ସ୍ଥାନରେ ଭି□ଭୂମି ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସମୟରେ ବାଂଲାଦେଶ ତୁର୍କୀରୁ ୧୦ ଟି ବାଇରାକ୍ଟର ଟିବି-୨ କିଲର ଡ୍ରୋନ୍ କିଣିଛି । ଚଟଗାଁଓରେ ୬ଟି ଡ୍ରୋନ୍ ବିତରଣ କରାଯାଇଛି ଏବଂ ଅବଶିଷ୍ଟ ୪ଟି ଏପର୍ଯ୍ୟନ୍ତ ବିତରଣ କରାଯାଇ ନାହିଁ । ଭାରତୀୟ ଗୁପ୍ତଚର ସଂସ୍ଥା ଦ୍ୱାରା ମିଳିଥିବା ସୂଚନା ଅନୁଯାୟୀ, ଶେଖ ହସିନାଙ୍କୁ କ୍ଷମତାରୁ ହଟାଇବା ପରେ ବାଂଲାଦେଶ ଯେଉଁଭଳି ଭାବରେ ଜେଲରୁ ଏହାର ଆତଙ୍କବାଦୀଙ୍କୁ ମୁକ୍ତ କରୁଛି ଏବଂ ପାକିସ୍ତାନ ବାଂଲାଦେଶ ପ୍ରସଙ୍ଗରେ ଭାରତ ବିରୋଧୀ କଟ୍ଟରପନ୍ଥୀଙ୍କ ସହ ଛିଡା ହୋଇଛି । ଭାରତୀୟ ଗୁପ୍ତଚର ସଂସ୍ଥା ଆଶଙ୍କା କରିଛନ୍ତି ଯେ, ବାଂଲାଦେଶରୁ କୌଣସି ରଣନୀତିକ ବିପଦ ନାହିଁ, କିନ୍ତୁ ଯଦି ସେଠାରେ ଏପରି ଅରାଜକତା ଜାରି ରହେ ଏବଂ ଜାମାତ ହାତରେ ସାମର୍ଥ୍ୟ ରହେ, ତେବେ ବାଂଲାଦେଶ ପୁଣି ଆତଙ୍କବାଦୀ ହବରେ ପରିଣତ ହୋଇପାରେ । ଗୁପ୍ତଚର ଏଜେନ୍ସିଗୁଡିକ ଗ୍ରହଣ କରିଥିବା ସୂଚନା ଅନୁଯାୟୀ ପାକିସ୍ତାନ ଏବଂ ଏହାର ପୃଷ୍ଠପୋଷକତାରେ ଚାଲୁଥିବା ଆତଙ୍କବାଦୀ ସଂଗଠନ ବାଂଲାଦେଶର ଅବନତି ଘଟାଇ ଏହାର ସୁଯୋଗ ନେଇ ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରିବାକୁ ଚେଷ୍ଟା କରୁଛନ୍ତି ।

## ରାହୁଲ ଗାନ୍ଧିଙ୍କ ନାଗରିକତା ମାମଲା

# କେନ୍ଦ୍ରକୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ନାଗରିକତା ମାମଲାରେ କେନ୍ଦ୍ରକୁ ଜବାବ ମାଗିଛନ୍ତି ଦିଲ୍ଲୀ ହାଇକୋର୍ଟ । ରାହୁଲ ଗାନ୍ଧିଙ୍କ ଭାରତୀୟ ନାଗରିକତାର ସ୍ଥିତାବସ୍ଥା ଉପରେ ସ୍ପଷ୍ଟୀକରଣ ଦେବାକୁ ବିଜେପି ନେତା ସୁବ୍ରମଣିୟନ ସ୍ୱାମୀ ଗୋଟିଏ ଆବେଦନ ହାଇକୋର୍ଟରେ ଦାଖଲ କରିଥିଲେ । ଏହାର ଶୁଣାଣି କରି ହାଇକୋର୍ଟ କେନ୍ଦ୍ରକୁ ଜବାବ ମାଗିଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଭୁ ବାଖ୍ରୁ ଓ ଜଷ୍ଟିସ ତୁଷାର ରାଓ ଗେଲେଲାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ମାମଲା ସମ୍ପର୍କରେ ତଥ୍ୟ ହାସଲ କରିବାକୁ କହିଛନ୍ତି । ଖଣ୍ଡପୀଠ କହିଛନ୍ତି, ଆମେ କୌଣସି ନିର୍ଦ୍ଦେଶ ପାରିତ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଓକିଲଙ୍କ ଠାରୁ ମାମଲା ସମ୍ପର୍କରେ ତଥ୍ୟ ଚାହୁଁଛୁ ।ପ୍ରାରମ୍ଭିକ ପର୍ଯ୍ୟାୟରେ କୋର୍ଟ ନୋଟିସ କରିବାକୁ ଇଚ୍ଛା ପ୍ରକାଶ କରି ନଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ ପ୍ରକ୍ସି ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ ପୂର୍ବରୁ ମାମଲାରେ କେନ୍ଦ୍ରର ପକ୍ଷ ରଖୁଥିବା ଓକିଲ ଏବେ ବରିଷ୍ଠ ଓକିଲର ମାନ୍ୟତା ପାଇସାରିଛନ୍ତି । ତେଣୁ ଆଉ ଜଣେ ଓକିଲଙ୍କର ନିଯୁକ୍ତି ଆବଶ୍ୟକ ରହିଛି । ଏହା ଶୁଣିବା ପରେ ଖଣ୍ଡପୀଠ ଆବେଦନର ଶୁଣାଣି ୨୦୨୫ ମସିହା ଜାନୁଆରୀ ୧୩ରେ ହେବ ବୋଲି କହିଛନ୍ତି । ସ୍ୱାମୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ସାଭାରୱାଲ ଏପରି ଆବେଦନ କରିଛନ୍ତି । ତାଙ୍କ କହିବା କଥା ଯେ ରାହୁଲ ଗାନ୍ଧି ଭାରତର ନାଗରିକ ହେବା ସହ ତାଙ୍କ ପାଖରେ ବ୍ରିଟେନର ନାଗରିକତା ମଧ୍ୟ ରହିଛି । ହେଲେ ଏହାକୁ ସେ ସାର୍ବଜନୀନ କରିନାହାନ୍ତି ।



# କାନାଡାରେ ୨୨ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ହତ୍ୟା

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** କାନାଡାର ସାରନିଆରେ ଜଣେ ୨୨ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଛୁରୀରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସେ ରୋଷେଇ ଘରେ ଥିବାବେଳେ ତାଙ୍କ ଫ୍ଲାଟମେଟଙ୍କ ସହ ପାଟିତୁଣ୍ଡ ହୋଇଥିଲା । ତାଙ୍କ ଫ୍ଲାଟମେଟ ତାଙ୍କର ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଲମ୍ବଟନ୍ କଲେଜରେ ବ୍ୟବସାୟ ବିଷୟରେ ପାଠ



ପଢୁଥିବା ଏହି ଛାତ୍ର ଜଣକ ପଞ୍ଜାବର ଗୁରାସିସ୍ ସିଂ ବୋଲି ଜଣାପଡିଛି । ତେବେ ଏହି ହତ୍ୟାକାଣ୍ଡରେ ୩୬ ବର୍ଷୀୟ ଅଭିଯୁକ୍ତକୁ ଦ୍ୱିତୀୟ ଡିଗ୍ରି ହତ୍ୟା ମାମଲାରେ ରିମାଣ୍ଡରେ ନିଆଯାଇଛି । ସାରନିଆ ପୁଲିସର ସୂଚନାନୁସାରେ, ଚଳିତମାସ ପହିଲା ଦିନ ସକାଳେ କୁଇନ୍ ଷ୍ଟ୍ରିଟରେ ଥିବା ଏକ ସେୟାର୍ ରୁମରେ ଏହି ଘଟଣା ଘଟିଛି । ୯୧୧ କଲର ଉ□ର ଦେଇ ପୁଲିସ୍ ଘଟଣାସ୍ଥଳରେ ପହ□ିବା ପରେ ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ଶରୀରରେ ଏକାଧିକ କ୍ଷତ ସ୍ଥାନ ଦେଖିବା ପରେ ଅଭିଯୁକ୍ତକୁ ରିମାଣ୍ଡରେ ନିଆଯାଇଛି । ଆଜି ତାଙ୍କର ପରବ□ୀ ଶୁଣାଣି ଥିଲା । ପୁଲିସର ସୂଚନାନୁସାରେ, ରୋଷେଇ ଘରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଯେଉଁଥିରେ ଫ୍ଲାଟମେଟ ଛୁରୀ ବ୍ୟବହାର କରି ଭାରତୀୟ ଛାତ୍ରଙ୍କୁ ଏକାଧିକ ଥର ଛୁରୀରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି । ସାରନିଆ ପୁଲିସ୍ କ୍ରାଇମବ୍ରା□ ଡିଭିଜନ୍ ଏହି ଅପରାଧିକ କାର୍ଯ୍ୟର ପରିସ୍ଥିତି ଜାଣିବା ପାଇଁ ସମସ୍ତ ଉପଲବ୍ଧ ତଥ୍ୟ ସଂଗ୍ରହ ଜାରି ରଖିଛି । ଏହି ଅପରାଧ ଏକ ଜାତିଭି□କ ଉଦ୍ଦେଶ୍ୟ ନହୋଇପାରେ ବୋଲି ପୁଲିସ୍ ଅନୁମାନ କରୁଛି । ସାରନିଆର ଲମ୍ବଟନ୍ କଲେଜ ମଧ୍ୟ ଛାତ୍ରଙ୍କ ହାନି ସମ୍ପର୍କରେ ଏକ ବିବୃ□ ଜାରି କରିଛି ।

# ଆପ୍ ନ ଜିତିଲେ ବନ୍ଦ ହୋଇଯିବ ମାଗଣା ବିଜୁଳି: କେଜ୍ରିୱାଲ୍

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଯଦି ଆମ ଆଦମୀ ପାର୍ଟି (ଆପ୍) ବିଜୟୀ ନ ହୁଏ ତେବେ ଦିଲ୍ଲୀରେ ମାଗଣା ବିଜୁଳି ବନ୍ଦ ହୋଇଯିବ । ତାଙ୍କ ଜେଲ ଦିନକୁ ମନେ ପକାଇ ସେ କହିଛନ୍ତି, ମୋତେ ଜେଲରେ ଅଲଗା ରଖାଯାଇଥିଲା । ମାନସିକ ସ୍ତରରେ ଏହା ଅତ୍ୟନ୍ତ କଷ୍ଟକର । ମୁଁ ଓଜନ ହ୍ରାସ କଲି । ମୋତେ ଇନସୁଲିନ୍ ପାଇଁ କୋର୍ଟ ଯିବାକୁ ପଡ଼ିଥିଲା । ଜେଲରେ ଥିବା ୧୭୭ ଦିନ ବହୁତ କଷ୍ଟକର ଥିଲା । ଏବିପି ନ୍ୟୁଜ ସହ ଏକ ସ୍ୱତନ୍ତ୍ର କଥାବା□ାରେ ସେ ବିଜେପିକୁ ଟାର୍ଗେଟ କରି କହିଛନ୍ତି ଯେ ଯଦି ଆମ୍ ଆଦମୀ ପାର୍ଟି ଜିତିନଥାଏ ତେବେ ଦିଲ୍ଲୀରେ ମାଗଣା ବିଜୁଳି ବନ୍ଦ ହୋଇଯିବ । କେଜ୍ରିୱାଲ କହିଛନ୍ତି, ମୋ ପାଖରେ କ୍ଷମତା ଅଛି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦିଲ୍ଲୀ ସ୍କୁଲରେ ପଢୁଥିବା ପିଲାଙ୍କର କ'ଣ ହେବ । ଦିଲ୍ଲୀରେ ମାଗଣା ବିଜୁଳିର କଣ ହେବ ? ମାଗଣା ବିଜୁଳି ଦେବା କେଉଁଠି ଭୁଲ? ବିଶ୍ୱର ବଡ ବଡ ଦେଶ ମାଗଣା ଶିକ୍ଷା ଦେଉଛନ୍ତି, ମୁଁ ମଧ ଦେଉଛି । କେଜ୍ରିଓ୍ୱାଲ କହିଛନ୍ତି, ମୋ ପାଖରେ କ୍ଷମତା ଅଛି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦିଲ୍ଲୀ ସ୍କୁଲରେ ପଢୁଥିବା ପିଲାଙ୍କର କ'ଣ ହେବ । ଦିଲ୍ଲୀରେ ମାଗଣା ବିଜୁଳିର କଣ ହେବ ? ମାଗଣା ବିଜୁଳି ଦେବା କେଉଁଠି ଭୁଲ ? ବିଶ୍ୱର ବଡ ବଡ ଦେଶ ମାଗଣା ଶିକ୍ଷା ଦେଉଛନ୍ତି, ମୁଁ ମଧ ଦେଉଛି । ଏହା ହେଉଛି ରାଷ୍ଟ୍ର ନିର୍ମାଣ । ଯେତେବେଳେ ମୁଁ ଜେଲରେ ଥିଲି ସେତେବେଳେ ମୁଁ ମୋ ପିତାମାତାଙ୍କୁ ମନେ ପକାଉଥିଲି । ମୁଁ ସାରା ଦିନ ସେଲ୍ ରେ ଏକୁଟିଆ ଥିଲି । ମୋର ଔଷଧ ୧୫-୨୦ ଦିନ ପାଇଁ ବନ୍ଦ ହୋଇଗଲା ତା'ପରେ ଆମକୁ କୋର୍ଟ ଯିବାକୁ ପଡ଼ିଲା । କୋର୍ଟ ଡାକ୍ତରଙ୍କୁ ନେଇ ଏକ ପ୍ୟାନେଲ ଗଠନ କରିଥିଲେ । ଭଗବତ ଗୀତା ମୋତେ ସହାୟକ ହୋଇଥିଲା । ମୁଁ ଗୀତାକୁ ଅନେକ ଥର ପଢ଼ିଛି ।




# ଶମ୍ଭୁସୀମାରେ କୃଷକଙ୍କ ଉପରକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କଲା ପୁଲିସ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଚାଷୀ ଆନ୍ଦୋଳନକୁ ନେଇ ଦେଶରେ ଘନଘନ ଖବର । ପ୍ରତିଟି ମୁହୂ□ରେ ବଦଳୁଛି ରୂପରେଖ । ଏଇ ଯେମିତି ବ□ମାନର ସୂଚନା ମୁତାବକ, ଚାଷୀମାନେ ଦିଲ୍ଲୀଗସ୍ତରୁ ପଛଘୁ□ା ଦେଇଛନ୍ତି । ପଞ୍ଜାବ ଏବଂ ହରିୟାଣାର ଶମ୍ଭୁ ସୀମାରେ ପୋଲିସର କାର୍ଯ୍ୟାନୁଷ୍ଠାନ ପରେ କୃଷକ ସଂଗଠନ ଏହି ନିଷ୍ପ□ ନେଇଛନ୍ତି । କୃଷକ ନେତା ସରୱନ ପନ୍ଧେର କୃଷକମାନଙ୍କୁ ପଛକୁ ଫେରିବାକୁ କହିଛନ୍ତି । ଶୁକ୍ରବାର ରାତିର ବୈଠକରେ ଆହୁରି ରଣନୀତି ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ କୃଷକ ସଂଗଠନ ପୂର୍ବରୁ ଘୋଷଣା କରିଥିଲା । ଏଥିପାଇଁ ୧୦୧ ଜଣ କୃଷକଙ୍କ ତାଲିକା ମଧ୍ୟ ଜାରି କରାଯାଇଥିଲା । ପୋଲିସ ସହ ତୀବ୍ର ସଂଘର୍ଷ ପରେ କୃଷକ ନେତାମାନେ ରାତି ପ୍ରାୟ ୩ ଟାରେ ଦିଲ୍ଲୀ ଅଭିମୁଖେ ଯାତ୍ରାକୁ ସ୍ଥଗିତ ରଖିଥିଲେ ।ଦିଲ୍ଲୀ ଯାଉଥିବା କୃଷକମାନେ ଶମ୍ଭୁ ସୀମା ଦେଇ ହରିୟାଣାକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସର ସୁରକ୍ଷା ଏବଂ ବ୍ୟାରିକେଡ୍ ଯୋଗୁଁ ସେମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରେ ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗୁଥିବା କରିବାକୁ ପୋଲିସକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଥିଲା । କିଛି ଘ□ା ଧରି ଶମ୍ଭୁସୀମାରେ ଉ□େଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ସତର୍କତାକୁ ଦୃଷ୍ଟିରେ ରଖି ହରିୟାଣା ସରକାର ମଧ୍ୟ ଅମ୍ବାଲାରେ ଇ□ରନେଟ୍ ବନ୍ଦ କରି ଦେଇଛନ୍ତି । ସଂସଦର ବ□ମାନର ଅଧିବେଶନରେ ଦିଲ୍ଲୀରେ ପହ□ି କୃଷକମାନେ ସରକାରଙ୍କ ଉପରେ ଚାପ ପକାଇବାକୁ ଚାହୁଁଛନ୍ତି । ସେମାନଙ୍କର ଦାବି ହେଉଛି ସରକାର ଏମଏସପି ଉପରେ ଆଇନଗତ ଗ୍ୟାରେ□ି ଦେବା ଉଚିତ । କୃଷକ ସଂଗଠନଗୁଡ଼ିକ ସରକାରଙ୍କ ନିକଟରେ ମୋଟ ୧୨ ଟି ଦାବି ରଖିଛନ୍ତି । ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି ଯେ ପୋଲିସ ଏକାସାଙ୍ଗରେ ଚାଷୀଙ୍କ ଉପରକୁ ୧୧ ଟି ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ବ□ମାନ ସୁଦ୍ଧା ହରିୟାଣା ପୋଲିସ ଦ୍ୱାରା ମୋଟ ୨୧ ଥର ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି । ଏଥିରେ ଦୁଇ ଜଣ କୃଷକ ଆହତ ହୋଇଛନ୍ତି । ଏହା ପରେ କୃଷକ ନେତା ସରୱନ ସିଂ ପନ୍ଧେର ନିଜେ କୃଷକମାନଙ୍କୁ ସୀମାରୁ ଫେରିଆସିବାକୁ କହିଥିଲେ ।ଅନ୍ୟପକ୍ଷରେ ହରିୟାଣାରୁ ଲଗାତାର କୃଷକଙ୍କ ଭିଡିଓଗ୍ରାଫି କରାଯାଉଛି । ଏହା ମଧ୍ୟ ଘୋଷଣା କରାଯାଉଛି ଯେ ସରକାରୀ ସମ୍ପ□ି ନଷ୍ଟ କରନ୍ତୁ ନାହିଁ, ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତଥାପି କୃଷକମାନେ ଆଗକୁ ବିବାକୁ ଜିଦରେ ଅଟଳ ଅଛନ୍ତି, ଅନ୍ୟପକ୍ଷରେ ରାଜନୀତି ମଧ୍ୟ ଚାଷୀଙ୍କ ଆନ୍ଦୋଳନକୁ ନେଇ ସରଗରମ ହେବାରେ ଲାଗିଛି । ଚାଷୀଙ୍କୁ ଅଟକାଇବାକୁ ନେଇ କଂଗ୍ରେସ ବିଜେପିକୁ ଟାର୍ଗେଟ କରିଛି ।

# ଅପରିବ□ିତ ରହିଲା ରେପୋ ରେଟ୍

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଲଗାତାର ୧୧ ଥର ଲାଗି ଅପରିବ□ିତ ରହିଲା ରେପୋରେଟ ।୬.୫ ପ୍ରତିଶତ ରହିଲା ରେପୋରେଟ । ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି, ନିମ୍ନ ଅଭିବୃଦ୍ଧି ହାରକୁ ଦୃଷ୍ଟିରେ ରଖି ଏହି ଘୋଷଣା କରିଛନ୍ତି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ । ଦରଦାମ ବୃଦ୍ଧିରେ ନିୟନ୍ତ୍ରଣ ବ୍ୟାଙ୍କର ପ୍ରାଥମିକତା ହୋଇଥିବାରୁ ପୁଣି ଥରେ ରେପୋରେଟ ଅପରିବ□ିତ ରଖାଯାଇଛି ବୋଲି କହିଛନ୍ତି ଗଭର୍ଣ୍ଣର । ତେବେ ରିଜର୍ଭ ବ୍ୟାଙ୍କର ଏହି ଘୋଷଣା ବଳରେ ଋଣ ସୁଧହାର ବି ଅପରିବ□ି ରହିବ । ଗତ ଜୁଲାଇ-ସେପ୍ଟେମ୍ବର ତ୍ରୟମାସିକରେ ଧିମା ଅର୍ଥନୀତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ରିଜର୍ଭ ବ୍ୟାଙ୍କର ଅର୍ଥନୈତିକ ନୀତି କମିଟି ବା ଏମପିସି ବୈଠକରେ ଏହି ନିଷ୍ପ□ି ନିଆଯାଇଛି । ଏହାସହ ଷ୍ଟାଣ୍ଡିଂ ଡିପୋଜିଟ ଫାସିଲିଟି ବା ଏସଡିଏଫ ବି ରହିଛି ୬.୨୫ ପ୍ରତିଶତ । ସେହିପରି ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି ବା ଏମଏସଏଫ ରହିଛି ୬.୭୫ ପ୍ରତିଶତ ।

# ୫ ଦିନରେ ସେନ୍ସେକ୍ସ ବଢ଼ିଲା ୨୭୦୦ ପଏ□

**ମୁମ୍ବାଇ,୭।୧୨(ଏଜେନ୍ସି):** ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ଦ୍ୱିତୀୟ ତ୍ରୈମାସିକରେ ୫.୪ ପ୍ରତିଶତ ଭଳି ନିମ୍ନସ୍ତରକୁ ଖସିଯିବା ଷ୍ଟକ୍ ବଜାର କାରବାରକୁ କୌଣସି ପ୍ରକାରରେ ପ୍ରଭାବିତ କରିନାହିଁ । ଗତ ପା□ଟି କାରବାର ଦିନରେ ସେନ୍ସେକ୍ସ ୨୭୦୦ ପଏ□ ବୃଦ୍ଧି ହୋଇଛି । ଏଥି ସହିତ ପୁଣି ଥରେ ଏହା ୮୧ ହଜାର ପଏ□ ସ୍ତର ଅତିକ୍ରମ କରିଛି । ଗୁରୁବାର ସେନ୍ସେକ୍ସ ୮୦୯ ପଏ□ ବୃଦ୍ଧି ପାଇ ୮୧୭୬୫ ପଏ□ରେ ପହ□ିଛି । ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୪୦ ପଏ□ ବୃଦ୍ଧି ପାଇ ୨୪୭୦୮ ପଏ□ରେ ବନ୍ଦ ହୋଇଛି । ଦେଶର ଅର୍ଥନୀତିକୁ ଗତି ପ୍ରଦାନ କରିବା ଲାଗି ଆସନ୍ତାକାଲି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ହାରରେ ହ୍ରାସ ଘୋଷଣା କରିବା ସମ୍ଭାବନା ଥିବା ବେଳେ ନଗଦ ଜମା ଅନୁପାତ (ସିଆରଆର୍)ରେ ହ୍ରାସ ହେବାର ସମ୍ଭାବନା ମଧ୍ୟ ରହିଛି । ତାହାକୁ ନଜରରେ ରଖି ନିବେଶକମାନେ ଅଧିକ ପରିମାଣରେ ସେୟାର କିଣିଛନ୍ତି । ଚଳିତ ବର୍ଷ ଅକ୍ଟୋବର ୨୧,୬୧୨ କୋଟି ଟଙ୍କା ଓ ନଭେମ୍ବରରେ ୯୪୦୧୭ କୋଟି ଟଙ୍କାର ପାଣ୍ଠି ପ୍ରତ୍ୟାହାର କରିଥିବା ବୈଦେଶିକ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ପୁଣି ଥରେ ଦେଶରେ ନିବେଶ ଆରମ୍ଭ କରିଛନ୍ତି । ଚଳିତ ମାସର ୨ ଓ ୩ ତାରିଖରେ ସେମାନେ ୧୩ ହଜାର କୋଟି ଟଙ୍କା ନିବେଶ କରିଥିବା ବେଳେ ଗତକାଲି ୧୭୯୭ କୋଟି ଟଙ୍କା ନିବେଶ କରିଛନ୍ତି । ସେମାନେ ସୂଚନା ପ୍ରଯୁକ୍ତି, ଆର୍ଥିକ ସେବା ଓ ଏଫ୍ଏମ୍ସିଜି କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର କିଣୁଛନ୍ତି ।



# ବାଂଲାଦେଶକୁ କଟାକ୍ଷ କଲେ ତସଲିମା

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ବାଲାଂଦେଶରେ କ୍ଷମତା ପରବ□ନ ପରେ ସେଠାକାର ପ୍ରଶାସନ ଭାରତ ବିରୋଧୀ ହୋଇଉଠିଛି । ଏହାକୁ ନେଇ ବାଂଲାଦେଶର ପ୍ରସିଦ୍ଧ ଲେଖିକା ତସଲିମା ନସରିନ ଦୁଃଖ ପ୍ରକାଶ କରିବା ସହ ବାଂଲାଦେଶକୁ କଟାକ୍ଷ କରିଛନ୍ତି । ବାଂଲାଦେଶର ଅବସ୍ଥା ଦେଖି ସେ ଏକ୍ସରେ ଏକ ପୋଷ୍ଟ ଲେଖିଛନ୍ତି, ଶତ୍ରୁ ପାକିସ୍ତାନର ଅତ୍ୟାଚାରଠାରୁ ବାଂଲାଦେଶକୁ ବ□ାଇବା ପାଇଁ ୧୭ ହଜାର ସୈନିକଙ୍କ ଜୀବନ ହରାଇଥିବା ଭାରତ ଏବେ ବାଂଲାଦେଶ ପାଇଁ ଶତ୍ରୁ ପାଲଟିଛି । ପରିସ୍ଥିତି ଏବେ କଣ ହୋଇଯାଇଛି । ବାଂଲାଦେଶ ପାଇଁ ଭାରତ କ'ଣ କରିଛି ତାହାର ପ୍ରତ୍ୟେକ ବିବରଣୀ ବର୍ଣ୍ଣନା କରି ତସଲିମା ନସରିନ ଲେଖିଛନ୍ତି, ୧୦ ନିୟୁତ ଶରଣାର୍ଥୀଙ୍କୁ ଆଶ୍ରୟ, ଖାଦ୍ୟ ଏବଂ ପୋଷାକ ଦେଇଥିବା ଭାରତକୁ ଏବେ ଶତ୍ରୁ ବୋଲି ବିବେଚନା କରାଯାଉଛି । ପାକିସ୍ତାନସେନାଠାରୁ ଦେଶକୁ ରକ୍ଷା କରିବା ପାଇଁ ଅସ୍ତ୍ରଶସ୍ତ୍ର ଓ ତାଲିମପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ଯୋଗାଇଥିବା ଭାରତ ଏବେ ଶତ୍ରୁ ପାଲଟିଛି । ପାକିସ୍ତାନ ସହ ହାତ ମିଳାଇଥିବା ମହମ୍ମଦ ୟୁନୁସଙ୍କୁ ସମାଲୋଚନା କରି ତସଲିମା ନସରିନ କହିଛନ୍ତି, ୩୦ ଲକ୍ଷ ଲୋକଙ୍କୁ ହତ୍ୟା କରିଥିବା ଏବଂ ୨ ଲକ୍ଷ ମହିଳାଙ୍କୁ ଦୁଷ୍କର୍ମ କରିଥିବା ପାକିସ୍ତାନ ଏବେ ତଥାକଥିତ ବନ୍ଧୁ । ଆତଙ୍କବାଦୀ ସୃଷ୍ଟି କରିବାରେ ଏକ ନମ୍ବର ପାକିସ୍ତାନ ଏବେ ବନ୍ଧୁ ପାଲଟିଛି ବୋଲି ଜଣାପଡ଼ିଛି । ୧୯୭୧ ର ଅତ୍ୟାଚାର ପାଇଁ ବାଂଲାଦେଶକୁ ଏପର୍ଯ୍ୟନ୍ତ କ୍ଷମା ମାଗିନଥିବା ପାକିସ୍ତାନ ଏବେ ଏକ ବନ୍ଧୁ ରାଷ୍ଟ୍ରରେ ପରିଣତ ହୋଇଛି ।



# ବସ୍-ଟ୍ୟାଙ୍କର ଧକ୍କାରେ ୮ ମୃତ, ୧୯ ଆହତ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଉ□ରପ୍ରଦେଶର କନୌଜ ଜିଲ୍ଲାରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ଏଠାରେ ଏକ ଟ୍ୟାଙ୍କର୍ ଏବଂ ବସ୍ ଧକ୍କାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୯ ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ରହିଛି । କୁହାଯାଉଛି ଯେ ଟ୍ୟାଙ୍କରଟି ଏକ୍ସପ୍ରେସୱେରେ ପାଣି ଛି□ିବାକୁ ଯାଉଥିଲା । ଏକ ଦ୍ରୁତ ଗତିରେ ଆସୁଥିବା ବସ୍ ଏହି ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲା । ଟ୍ୟାଙ୍କର୍ ସହିତ ଧକ୍କା ହେବା ପରେ ବସ୍ ଓଲଟି ପଡିଥିଲା । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ବସ୍ ଭିତରୁ ଲୋକଙ୍କୁ ବାହାର କରିଥିଲେ । ଆହତ ମାନଙ୍କୁ ଡାକ୍ତରଖାନାରେ ଭ□ି କରାଯାଇଛି । ସୂଚନା ମୁତାବକ ଏହି ଦୁର୍ଘଟଣା ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ କନୌଜ ଜିଲ୍ଲାରେ ଘଟିଛି । ଶୁକ୍ରବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଯୋଗୁଁ ବସ୍ରେ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ରୁ ଅଧିକ ଲୋକ ଆହତ ହୋଇଛନ୍ତି । କୁହାଯାଉଛି ଯେ ବସ୍ ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିଲା । କୁହାଯାଉଛି ଯେ ବସ୍ ଡ୍ରାଇଭର ଶୋଇପଡିବା କାରଣରୁ ଏହି ଦୁଃଖଦ ଦୁର୍ଘଟଣା ଘଟିଛି ।



# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ପିଙ୍କ୍ ବଲ ଟେଷ୍ଟ

**ଆଡିଲେଡ୍,୭।୧୨:** ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟକୁ ଚମତ୍କାର ଢଙ୍ଗରେ ଜିତିଥିବା ଟିମ ଇଣ୍ଡିଆ ଦ୍ୱିତୀୟ ମ୍ୟାଚରେ ଅ।ଷ୍ଟେଇଛି। ଅ।ଡିଲେଡ ଓଭାଲରେ ଖେଳା ଯାଉଥିବା ପିଙ୍କ ବଲ ଟେଷ୍ଟରେ ଭାରତର ସ୍ଥିତି ଅତି ଦୟନୀୟ ହୋଇପଡ଼ିଛି। ପ୍ରଥମ ଇନିଂସରେ ମାତ୍ର ୧୮୦ ରନ କରିଥିବା ଭାରତ ଏବେ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଟ୍ରାଭିସ ହେଡଙ୍କ ୧୪୦ ରନ ବଳରେ ୩୩୭ ରନ କରିଥିଲା। ଫଳରେ ଘରୋଇ ଟିମକୁ ୧୫୭ ରନର ଲିଡ ମିଳିଥିଲା। ୧୫୭ ରନ ପଛରେ ଥିବା ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୧୨୮ ରନ କରିଛି। ଏବେ ଦଳ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି। ମ୍ୟାଚ୍ ଶେଷ ହେବାକୁ ଅ।ହୁରି ୩ ଦିନ ବାକି ଥିବାରୁ ଭାରତ ଏବେ ପରାଜୟ ଏଡ଼ାଇବାକୁ ସଂଘର୍ଷ ଅ।ରମ୍ଭ କରିଛି। ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଋଷଭ ପନ୍ତ ୨୫ ବଲରେ ୨୮ ଓ ନୀତୀଶ କୁମାର ରେଡ୍ଡୀ ୧୪ ବଲରେ ୧୫ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ଜଣଙ୍କ ଉପରେ ଏବେ ସବୁ କିଛି ନର୍ଭର କରୁଛି। କାରଣ ଏହାପରେ ଅ।ଉ କୌଣସି ବ୍ୟାଟର ନାହାନ୍ତି। ଭାରତ ଅ।ଜି ୨୪ ଓଭର ବ୍ୟାଟିଂ



କରି ତା'ର ସମସ୍ତ ୫ ଟପ ଅର୍ଡର ବ୍ୟାଟରଙ୍କୁ ହରାଇ ଦେଇଛି।

ପର୍ଥ ଟେଷ୍ଟରେ ଯଶପ୍ରୀତ ବୁମ୍ରା ଅଧିନାୟକ ରହିଥିବା ବେଳେ ଭାରତ ବିଶାଳ ୨୯୫ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଥିଲା। ଏଥିସହ ୫ ଟିକିଆ ବର୍ଡର-ଗାଭାସ୍କର ଟ୍ରଫିରେ ୧-୦ରେ ଆଗୁଆ ହୋଇଯାଇଥିଲା। ଦ୍ୱିତୀୟ ଟେଷ୍ଟକୁ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଫେରିଥିଲେ। ତାଙ୍କ ନେତୃତ୍ୱରେ ଏବେ ଭାରତ ପରାଜୟ ଦ୍ୱାରଦେଶରେ ପହଞ୍ଚି ଯାଇଛି। ରୋହିତ ମଧ୍ୟ ଦୁଇଟି ଯାକ ଇନିଂସରେ ନିଜର ପାରମ୍ପରିକ ଓପନିଂ ପୋଜିସନ ଛାଡ଼ି ୬ନଂରେ ବ୍ୟାଟିଂ କରିଥିଲେ। ହେଲେ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ସେ କେବଳ ୬ ରନ କରିପାରିଛନ୍ତି। ଅନ୍ୟତମ ଅଭିଜ୍ଞ ବ୍ୟାଟର ବିରାଟ କୋହଲି ବି ପିଙ୍କ ବଲ ଟେଷ୍ଟର ଉଭୟ ଇନିଂସରେ ଫେଲ ମାରିଛନ୍ତି। ଅଷ୍ଟ୍ରେଲିଆ ଆଜି ୩୩୭ ରନରେ ଅଲଆଉଟ ହେବା ପରେ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହେଲେ ଦଳ ୧୨ ରନରେ ଓପନର କେଏଲ ରାହୁଲ (୭)ଙ୍କୁ ହରାଇଥିଲା। ତାଙ୍କ ୱିକେଟ ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ ନେଇଥିଲେ।

ପ୍ରଥମ ଇନିଂସରେ ରୟାଲ ଡକ ଅର୍ଥାତ ମ୍ୟାଚ୍ର ପ୍ରଥମ ବଲରେ ଆଉଟ ହୋଇଥିବା ଯଶସ୍ୱୀ ଜୈସଓ୍ୱାଲ ଆଜି ଲୟରେ ଥିବା ଭଳି ଲାଗୁଥିଲେ। ସେ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ବୋଲିଂକୁ ସାମ୍ନା କରି କିଛି ବାଉଣ୍ଡରୀ ମଧ୍ୟ ମାରିଥିଲେ। ହେଲେ ସ୍କଟ ବୋଲାଣ୍ଡ ୯ମ ଓଭରର ପ୍ରଥମ ବଲରେ ୨୪ ରନ କରିଥିବା ଯଶସ୍ୱୀଙ୍କୁ ଆଉଟ କରି ଦେଇଥିଲେ। ବିରାଟ କୋହଲି ୧୧ ପୁଣିଥରେ ସମସ୍ତଙ୍କୁ ନିରାଶ କରିଛନ୍ତି। ତାଙ୍କ ୱିକେଟ ବି ବୋଲାଣ୍ଡଙ୍କ ଖାତାକୁ ଯାଇଛି। ପ୍ରଥମ ଇନିଂସରେ ସେ କେବଳ ୭ ରନ କରିଥିଲେ। ବିରାଟ ଆଉଟ ହେବା ବେଳେ ଦଳୀୟ ସ୍କୋର ୬୬ ରହିଥିଲା। ଏତିକି ବେଳେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ପ୍ରଥମ ବଲରେ ହିଁ ଚୌକା ମାରିଥିଲେ। ସେ କେବଳ ବାଉଣ୍ଡରୀ ମାରୁଥିବା ବେଳେ ଅନ୍ୟପଟେ ୨୮ ରନ କରିଥିବା ଶୁବମନ ଗିଲଙ୍କୁ ଷ୍ଟାର୍କ କ୍ଲିନବୋଲ୍ଡ କରି ଭାରତକୁ ୪ର୍ଥ ଝଟକା ଦେଇଥିଲେ। ଦଳୀୟ ସ୍କୋର ୮୬ ଥିବା ବେଳେ କ୍ରିଜକୁ ଆସିଥିଲେ ଅଧିନାୟକ ରୋହିତ ଶର୍ମା।

ତାଙ୍କ ଠାରୁ ସମସ୍ତେ ବଡ଼ ଇନିଂସର ଆଶା ରଖିଥିଲେ। ଅନ୍ୟପଟେ ପନ୍ତ ମଧ୍ୟ କିଛି ବାଉଣ୍ଡରୀ ମାରିଥିଲେ। ହେଲେ ରୋହିତ କେବଳ ୬ ରନ କରି ପାଟ କମିନ୍ସଙ୍କ ବଲରେ ବୋଲ୍ଡ ହୋଇ ଯାଇଥିଲେ। ୧୦୫ ରନରେ ଭାରତର ଅଧା ଖେଳାଳି ପ୍ୟାଭିଲିୟନ ଫେରିଥିଲେ। ତେବେ ରୋହିତଙ୍କ ପରେ ଆସିଥିବା ନୀତୀଶ କୁମାର ରେଡ୍ଡୀ ଓ ପନ୍ତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ଏକାଠି ୩ ଓଭର ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୧୨୮ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି। ତେଣୁ ଏହି ଦୁଇ ବ୍ୟାଟର ତୃତୀୟ ଦିନରେ କେମିତି ବ୍ୟାଟିଂ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର।

### ୧.୫ମିଲିୟନ ଡଲାର ସମ୍ପତ୍ତିର ମାଲିକ

# ଏବେ ଚଳିବାକୁ ଅଣ୍ଟୁନି ଟଙ୍କା

**ନୂଆଦିଲ୍ଲୀ,୭।୧୨:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ରିକେଟର ବିନୋଦ କାମ୍ବଲି ଏବେ ପୁଣି ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଏକ ଇଭେଣ୍ଟରେ ତାଙ୍କର ଭଲ ବନ୍ଧୁ ତଥା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲେ,



ଯାହା ପରେ ତାଙ୍କୁ ଦେଖି ଲୋକମାନେ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା କରିବା ଆରମ୍ଭ କରିଥିଲେ। ଭାଇରାଲ ହେଉଥିବା ଭିଡିଓରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଖରାପ ଥିବା ଦେଖାଯାଉଥିଲା। କିନ୍ତୁ ଦିନେ ଏଭଳି ଏକ ସମୟ ଥିଲା ଯେତେବେଳେ ତାଙ୍କୁ ସଚିନ ତେନ୍ଦୁଲକରଙ୍କ ସହ ତୁଳନା କରାଯାଇଥିଲା ଏବଂ ସେ ସଚିନଙ୍କ ପରେ ପରବର୍ତ୍ତୀ ଷ୍ଟାର କ୍ରିକେଟର ହେବେ ବୋଲି କୁହାଯାଉଥିଲା। ବିନୋଦ କାମ୍ବଲି ନିଜର ଖରାପ ଅଭ୍ୟାସ ଏବଂ ଖେଳ ପ୍ରତି ଅସାବଧାନତା ହେତୁ ଏବେ ହିରୋରୁ ଜିରୋ ପାଲଟି ଯାଇଛନ୍ତି। ଆଜି ତାଙ୍କର ଅବସ୍ଥା ଏପରି ହୋଇଛି ଯେ, ସେ ୫୨ ବର୍ଷ ବୟସରେ ୭୫ବର୍ଷ ବୟସ୍କଙ୍କ ଭଳି ଦେଖାଯାଉଛନ୍ତି। ୧୯୯୧ରେ ଭାରତୀୟ କ୍ରିକେଟ୍ ଦଳରେ ଡେବ୍ୟୁ କରିବା ସମୟରେ ନିଜ ଖେଳ ସହିତ ଲୋକଙ୍କ ହୃଦୟ ଜିତିଥିବା ବିନୋଦ କାମ୍ବଲି ସେହି ଦିନମାନଙ୍କରେ କୋଟି କୋଟି ଟଙ୍କା ରୋଜଗାର କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଯେତେବେଳେ ବିନୋଦ କାମ୍ବଲି ତାଙ୍କ କ୍ରିକେଟ୍ କ୍ୟାରିୟରର ଶିଖରରେ ଥିଲେ, ସେତେବେଳେ ତାଙ୍କର ସମ୍ପତ୍ତି ୧ରୁ ୧.୫ ମିଲିୟନ୍ ଡଲାର ଥିଲା। କିନ୍ତୁ ୨୦୨୨ ମସିହା ବେଳକୁ ସେ ୪ଲକ୍ଷରେ ପହଞ୍ଚିଥିଲେ। ବିନୋଦ କାମ୍ବଲିଙ୍କ ଅବସ୍ଥା ଏବେ ଆହୁରି ଖରାପ ହୋଇଯାଇଛି। ତାଙ୍କ ଜୀବନ କେବଳ ବିସିସିଆଇ ଦେଉଥିବା ପେନ୍ସନ୍‌ରେ ଅତିବାହିତ ହେଉଛି।

# ପାକିସ୍ତାନ ପାଇଁ ଘାଟାରେ ପଡିବ ଭାରତ

**ମୁମ୍ବାଇ,୭।୧୨:** ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେବାର ରାସ୍ତା ଏକ ପ୍ରକାର ପରିଷ୍କାର ହୋଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ପାକିସ୍ତାନରେ ଆୟୋଜିତ ହେବନାହିଁ। ଭାରତ ପାକିସ୍ତାନ ଗସ୍ତ ନ କରୁଥିବାରୁ ହାଇବ୍ରିଡ୍ ମଡେଲରେ ଏହା ଅନୁଷ୍ଠିତ ହେବ। ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ତେବେ ପାକିସ୍ତାନ ଏହି ହାଇବ୍ରିଡ୍ ମଡେଲ ଗ୍ରହଣ କରିଥିଲା ବେଳେ ଭାରତକୁ ମଧ୍ୟ ଅମକୁଏହି ମଡେଲ ଗ୍ରହଣ କରିବାକୁ ପଡିବ।

ପିଟିଆଇ ରିପୋର୍ଟ ଅନୁଯାୟୀ ଜୟ ଶାହାଙ୍କ ନେତୃତ୍ୱାଧୀନ ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏବଂ ଏହାର ସଦସ୍ୟ ଦେଶମାନେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାର ହାଇବ୍ରିଡ୍ ମଡେଲ୍ ସହିତ ଆଗକୁ ବଢିବାକୁ ସହମତ ହୋଇଛନ୍ତି। ତେବେ ଏଥିରେ ଭାରତ ପାଇଁ ଏକ କେଁ ରହିଯାଇଛି। ୨୦୨୭ ପର୍ଯ୍ୟନ୍ତ ସମସ୍ତ ଅ।ଇସିସି ଇଭେ ରେ ହୋଷ୍ଟିଂର ସମାନ 'ହାଇବ୍ରିଡ୍ ମଡେଲ୍' ବ୍ୟବହୃତ ହେବ। ଯେତେବେଳେ କି ୨୦୨୫ ଚାମ୍ପିଅନ୍ସ ଟ୍ରଫି ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ଅନୁଷ୍ଠିତ ହେବ।

ତେବେ ୨୦୨୫ ରୁ ୨୦୨୭ ଅବଧି ମଧ୍ୟରେ ଭାରତ ଏବଂ ଶ୍ରୀଲଙ୍କା ମିଶି ମହିଳା ଦିନିକିଆ ବିଶ୍ୱକପ୍ ଏବଂ ପୁରୁଷ ଟି-୨୦ ବିଶ୍ୱକପ ଆୟୋଜନ କରିବେ। ହୋଷ୍ଟିଂ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ହାଇବ୍ରିଡ୍ ମଡେଲ୍ ନଥିଲେ ୨୦୨୬ ମସିହାରେ ପାକିସ୍ତାନ ଭାରତ ଯାତ୍ରା କରିବାକୁ ବାଧ୍ୟ ହୋଇଥାନ୍ତା। ଯଦି ଉପରୋକ୍ତ ରିପୋର୍ଟଟି ସତ, ତେବେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ପଡୋଶୀ ଶ୍ରୀଲଙ୍କାରେ ଖେଳିପାରେ।

ଅର୍ଥାତ ସ୍ଥିତି ଏପାରିହେବ ଯେ, ଭାରତ ଟୁର୍ନାମେ ଆୟୋଜନ ପରେ ମଧ୍ୟ ଘରୋଇ ମ୍ୟାଚ୍ ଖେଳିବା ପାଇଁ ଅନ୍ୟ ଦେଶକୁ ଯାତ୍ରା କରିବାକୁ ପଡିବ। ୨୦୨୬ ପୁରୁଷ ଟି -୨୦ ବିଶ୍ୱକପ ସମୟରେ ପାକିସ୍ତାନ ଶ୍ରୀଲଙ୍କାରେ ଏହାର ମ୍ୟାଚ୍ ଖେଳିବ। ତେବେ ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମଡେଲ ଗ୍ରହଣ କରିବା ପାଇଁ ପିସିବି ଦ୍ୱାରା ମଗାଯାଇଥିବା କ୍ଷତିପୂରଣ ଏବେବି ବିଚାରକୁ ନିଅ।ଯାଉଛି ବୋଲି ସୂତ୍ରରୁ ପ୍ରକାଶ। ଏହି ବ୍ୟବସ୍ଥାରେ ରାଜି ହେବା ଅର୍ଥ ହେଉଛି ଯେ ଭାରତୀୟ ମହିଳା ଦଳ ପାକିସ୍ତାନ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବା ପାଇଁ ଏକ ନିରପେକ୍ଷ ସ୍ଥାନକୁ ଯାତ୍ରା କରିବାକୁ ପଡିବ, ଯଦି କାର୍ଯ୍ୟସୂଚୀ ଅନୁଯାୟୀ ଏହା ଆବଶ୍ୟକ ହେବ ଯାହା ଏପର୍ଯ୍ୟନ୍ତ ବାହାରକୁ ଆସିବ ନାହିଁ।

# ଡନ୍ ବ୍ରାଡମ୍ୟାନଙ୍କ ସମକକ୍ଷ ହେଲେ ଟ୍ରାଭିସ ହେଡ୍

**ନୂଆଦିଲ୍ଲୀ,୭।୧୨:** ଆଡିଲେଡ ଓଭାଲରେ ଟ୍ରାଭିସ ହେଡ୍‌ଙ୍କ ରନ ବର୍ଷା ଜାରି ରହିଛି। ସେ ଶନିବାର ଭାରତ ବିପକ୍ଷ ପିଙ୍କ ବଲରେ ଦମଦାର ୧୪୦ ରନର ଇନିଂସ ଖେଳିଛନ୍ତି। ଏହା ଆଡିଲେଡ ଓଭାଲରେ ହେଡ୍‌ଙ୍କ ତୃତୀୟ ଶତକ। ହୋମ ଟାଉନ ହିରୋ ହେଡ୍ ଭାରତୀୟ ବୋଲରଙ୍କ ଧୂଳେଇ କରି ମାତ୍ର ୧୧୧ ବଲରେ ଶତକ ହାସଲ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୮ମ ଓ ଭାରତ ବିପକ୍ଷରେ ଦ୍ୱିତୀୟ। ଏହାପୂର୍ବରୁ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଭାରତ ବିପକ୍ଷରେ ସେ ଶତକ ମାରିଥିଲେ।

ଆଜି ଦ୍ୱିତୀୟ ଦିନର ପ୍ରଥମରୁ ଯଶପ୍ରୀତ ବୁମ୍ରା ଅଷ୍ଟ୍ରେଲିଆକୁ ଯୁଗଳ ଝଟକା ଦେଇଥିଲେ। ସେ ପ୍ରଥମ ନାଥନ ମ୍ୟାକସ୍ୱିନୀ ଓ ପରେ ଷ୍ଟାର ବ୍ୟାଟର ଷ୍ଟିଭ ସ୍ମିଥଙ୍କ ୱିକେଟ ନେଇ ଅଷ୍ଟ୍ରେଲିଆ ଉପରେ ଚାପ ପକାଇଥିଲେ। ହେଲେ ହେଡ୍ କ୍ରିଜକୁ ଆସିବା କ୍ଷଣି କାଉଣ୍ଟର ଆଟାକ ସହ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ହେଡ ତାଙ୍କ ୧୪୦ ରନର ଇନିଂସରେ ୧୭ଟି ଚୌକା ଓ ୪ଟି ଛକା ମାରିଛନ୍ତି। ସେ ବୁମ୍ରାଙ୍କୁ ସତର୍କତାର ସହ ଖେଳିଥିବା ବେଳେ ବାକି ଭାରତୀୟ ବୋଲରଙ୍କ ଉପରେ କଡ଼ା ପ୍ରହାର କରିଛନ୍ତି।

ଆଜି ଭାରତ ବିପକ୍ଷ ଆଡିଲେଡ ଓଭାଲରେ ଶତକ ମାରିବା ପରେ ସେ କିମ୍ବଦନ୍ତୀ କ୍ରିକେଟର ଡନ ବ୍ରାଡମ୍ୟାନଙ୍କ ସମକକ୍ଷ ହୋଇଛନ୍ତି। ଆଡିଲେଡ ଓଭାଲରେ ହେଡ ଓ



ବ୍ରାଡମ୍ୟାନ ସମାନ ୩ଟି ଲେଖାଏ ଶତକ ମାରିବାର ରେକର୍ଡ କରିଛନ୍ତି। ଆଡିଲେଡ ଓଭାଲରେ ହେଡ ୭ଟି ମ୍ୟାଚ୍ରେ ୩ଟି ଶତକ ଓ ୨ଟି ୫୦ ମାରିଛନ୍ତି। ତେବେ ଆଡିଲେଡ ଓଭାଲରେ ସର୍ବାଧିକ ଶତକ ମାରିବାର ରେକର୍ଡ ମାଇକେଲ କ୍ଲାର୍କଙ୍କ ନାଁରେ ରହିଛି। ସେ ୧୦ଟି ମ୍ୟାଚରେ ୭ଟି ଶତକ ମାରିଛନ୍ତି। ତାଙ୍କ ପଛକୁ ରିକି ପଣ୍ଟିଂ ୧୭ ମ୍ୟାଚରେ ୬ଟି, ଡାଭିଡ ବୁନ ୧୨ଟି ମ୍ୟାଚରେ ୪ଟି, ଅ।ଲାନ ବର୍ଡର ୧୬ଟି ମ୍ୟାଚରେ ୪ଟି, ଡନ ବ୍ରାଡମ୍ୟାନ ୭ଟି ମ୍ୟାଚରେ ୩ଟି, ଟ୍ରାଭିସ ହେଡ ୭ଟି ମ୍ୟାଚରେ ୩ଟି, ଡିନ ଜୋନ୍ସ ୬ଟି ମ୍ୟାଚରେ ୩ଟି ଓ ମାର୍ନସ ଲାବୁଶେନ ୬ଟି ମ୍ୟାଚରେ ୩ଟି ଶତକ ମାରିଛନ୍ତି।

# ହେଡଙ୍କୁ ବୋଲ୍ଡ କରିବାରୁ ସିରାଜଙ୍କୁ ଚିଡ଼ାଇଲେ ଆଡିଲେଡ ଦର୍ଶକ

**ଆଡିଲେଡ୍,୭।୧୨:** ଆଡିଲେଡ ଓଭାଲରେ ଖେଳା ଯାଉଥିବା ପିଙ୍କ ବଲ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ ବୋଲରଙ୍କୁ ପ୍ରବଳ ଧୋଇଛନ୍ତି ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍। ସେ ଏକାକୀ ୧୪୦ ନର ଇନିଂସ ଖେଳିବାରୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୧୫୭ ରନର ଲିଡ ହାସଲ କରି ନେଇଛି।

ତେବେ ୧୪୦ ରନ କରିଥିବା ହେଡ୍‌ଙ୍କୁ ଭାରତର ମହମ୍ମଦ ସିରାଜ ଚମତ୍କାର ଢଙ୍ଗରେ କ୍ଲିନବୋଲ୍ଡ କରିଛନ୍ତି। ତେବେ ସେ ହେଡ୍‌ଙ୍କୁ ବୋଲ୍ଡ କରିବାରୁ ତାଙ୍କୁ ଅ।ଡିଲେଡରେ ଷ୍ଟାଡିୟମରେ ଉପସ୍ଥିତ ଥିବା ଅଷ୍ଟ୍ରେଲିଆର ଦର୍ଶକମାନେ ଚିଡ଼ାଇଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।



ଆଜି ପିଙ୍କ ବଲ ଟେଷ୍ଟର ଦ୍ୱିତୀୟ ଦିନରେ ସିରଜ ଲମ୍ବାଲମ୍ବା ସ୍ପେଲ ବୋଲିଂ କରିଥିଲେ ହେଁ ତାଙ୍କୁ ୱିକେଟ ମିଳି ନଥିଲା। ପ୍ରଥମ ସେସନ୍‌ରେ ସେ ୱିକେଟ ଶୂନ୍ୟ ରହିଥିଲେ। ଏସବୁ ଭିତରେ ଟ୍ରାଭିସ ହେଡ ମଧ୍ୟ ଦ୍ରୁତଗତିରେ ରନ ସଂଗ୍ରହ କରି ଘରୋଇ ଦର୍ଶକଙ୍କ ଆଗରେ ଶତକ ମାରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୮ମ ଓ ଘରୋଇ ଷ୍ଟାଡି।ମରେ ତୃତୀୟ ଶତକ। ଶତକ ହାସଲ କରିବା ପରେ ସେ ଆହୁରି ବିସ୍ଫୋରକ ରୂପ ଧାରଣ କରିଥିଲେ।

୮୨ତମ ଓଭର ବୋଲିଂ କରିବାକୁ ସିରାଜ ଆସିଥିବା ବେଳେ ତାଙ୍କୁ ହେଡ୍ ଚୌକା ମାରିଥିଲେ। ତେବେ ସେହି ଓଭରର ୪ର୍ଥ ବଲରେ ସିରାଜଙ୍କ ଫୁଲଟସକୁ ହେଡ ମିସ୍ କରି କ୍ଲିନବୋଲ୍ଡ ହୋଇଯାଇଥିଲା। ହେଡଙ୍କୁ ବୋଲ୍ଡ କରିବା ପରେ ସେ ଆଗ୍ରେସନ ଦେଖାଇଥିଲେ। ହେଡ୍ ମଧ୍ୟ ତାଙ୍କୁ କିଛି କହିଥିଲେ। ସିରାଜ ତାଙ୍କୁ ହାତ ହଲାଇ ପ୍ୟାଭିଲିୟନ ଫେରିଯିବାକୁ ଇଙ୍ଗିତ କରିଥିଲେ। ତେବେ ହୋମ ଟାଉନ ହିରୋ ହେଡ୍‌ଙ୍କୁ ସିରାଜ ଏପରି ଇଙ୍ଗିତ କରିବାରୁ ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକ ତାଙ୍କୁ ପାଟି କରି ଚିଡ଼ାଇବା ଆରମ୍ଭ କରିଥିଲେ। ହେଡ୍ ପ୍ୟାଭିଲିୟନରେ ପହଞ୍ଚିବା ଯାଏ ଦର୍ଶକମାନେ ତାଙ୍କ ସମର୍ଥନରେ ନାରାବାଜୀ କରି ସିରାଜଙ୍କୁ ଚିଡ଼ାଇଥିଲେ। ଓଭର ଶେଷ ହେବା ଯାଏ ଦର୍ଶକମାନେ ଚିଡ଼ାଇବା ଜାରି ରଖିଥିଲେ।

# କୁମାରବସ୍ତ ଲୋକନାଥ କ୍ରିକେଟ୍ : କୁମାରବସ୍ତ ଓ ଯାଆଁଳା ବିଜେତା

**ଖୋର୍ଦ୍ଧା,୭।୧୨:** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆର ଆଜି ଚତୁର୍ଦ୍ଦଶ ଦିବସରେ ପ୍ରଥମ ମିନି ଆଧାର ମ୍ୟାଚ୍‌ରେ କୁମାରବସ୍ତ ଦଳ ଅରିସଲ ଦଳକୁ ୧୪ ରନ୍ ରେ ପରାସ୍ତ କରି ବିଜେତା ହୋଇଛି। ଟସ୍‌ରେ ଜିତି ପ୍ରଥମେ କୁମାରବସ୍ତ ଦଳ ବ୍ୟାଟିଂ କରି ୮ ୱିକେଟ ହରାଇ ୧୪୩ ରନ କରିଥିଲେ। ଦଳ ପକ୍ଷରୁ ବନବିହାରୀ ସ୍ୱାଇଁ ୨୮, ଜ୍ୟୋତିରଞ୍ଜନ ସେନାପତି ୨୭ ଓ ସୋଭାକର୍ ପାତ୍ର ୨୨ ରନ୍ କରିଥିଲେ। ଜବାବରେ ଅରିସଲ୍ ଦଳ ଶୁଭେନ୍ଦୁ ପ୍ରଧାନ ୩୬ ରନ୍ ଓ ପ୍ରବୀଣ ପରିଡ଼ାଙ୍କ ୧୯ ରନ୍ ବଳରେ ମାତ୍ର ୧୪.୩ ଓଭରରେ ୧୦ ଟି ୱିକେଟ୍ ହରାଇ ମାତ୍ର ୧୨୯ ରନରେ ସୀମିତ ରହିଥିଲେ ଓ ଏହି ଗ୍ରୁପ ର ଉପ ବିଜେତା ହୋଇଥିଲେ।

ଏହି ଗ୍ରୁପ ଖେଳରେ ଶ୍ରେଷ୍ଠ ବ୍ୟାଟର ଶୁଭେନ୍ଦୁ ପ୍ରଧାନ, ଶ୍ରେଷ୍ଠ ବୋଲର ସୋମନାଥ ପଳେଇ, ଶ୍ରେଷ୍ଠ ଖେଳାଳି ଜ୍ୟୋତିରଞ୍ଜନ ସେନାପତି, ମ୍ୟାନ ଅଫ ଦି ସିରିଜ ଅମ୍ଲାନ ରାଉତରାୟ ଘୋଷିତ ହୋଇ ପୁରସ୍କୃତ ହୋଇଛନ୍ତି। ଆଧାର କାର୍ଡ ଦ୍ୱିତୀୟ ମ୍ୟାଚ୍‌ରେ ଯାଆଁଳା ଦଳ ବାଙ୍କୁଆଳ ଦଳକୁ ୫ ୱିକେଟରେ ପରାସ୍ତ କରିଛି। ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ଆଦିତ୍ୟ ଦାସଙ୍କ ୨୬ ରନ ଓ ଗୌତମ ସ୍ୱାଇଁଙ୍କ ୨୫ ରନ୍ ସହାୟତାରେ ୧୧.୫ ଓଭରରେ ୧୦ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲେ। ଜବାବରେ ଯାଆଁଳା ଦଳ ୧୧.୪ ଓଭରରେ ୫ଟି ୱିକେଟ ହରାଇ ଆବଶ୍ୟକ ୧୧୬ ରନ ସଂଗ୍ରହ କରିନେଇଥିଲେ। ଦଳ ତରଫରୁ ଅଭିମନ୍ୟୁ ସ୍ୱାଇଁ ୪୨ ରନ୍ ଓ ଅଭିଷେକ ପଟ୍ଟନାୟକ ୨୮ ରନ୍ କରିଥିଲେ। ଯାଆଁଳା ଦଳ ବିଜେତା ଓ ବାଙ୍କୁଆଳ ଦଳ ଉପ ବିଜେତା ହୋଇଥିଲେ। ଶ୍ରେଷ୍ଠ ବ୍ୟାଟର ଅଭିଷେକ ପଟ୍ଟନାୟକ, ଶ୍ରେଷ୍ଠ ବୋଲର ଶ୍ରୀକାନ୍ତ ମହାରଣା, ଶ୍ରେଷ୍ଠ ଖେଳାଳି ଓ ମ୍ୟାନ୍ ଅଫ ଦି ସିରିଜ୍ ଅଭିମନ୍ୟୁ ସ୍ୱାଇଁ ଅତିଥି ମାନଙ୍କଠୁ ପୁରସ୍କୃତ ହୋଇଛନ୍ତି। ଆଜି ମୁଖ୍ୟ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ଯୋଜନ କମିଟି ଅଧ୍ୟକ୍ଷ, ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ସଂଘ ସଭାପତି ରାଜେନ୍ଦ୍ର କୁମାର ସାହୁ ଓ କୁମାରବସ୍ତ ଗ୍ରାମର ବହୁ ମୁରବୀ ଶ୍ରେଣୀ। ବ୍ୟକ୍ତିମାନେ ରହି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ପରିଚାଳନା କରିଥିଲେ। କାଜଲ ବଳିଆର୍ସିଂ ଓ ସଞ୍ଜୟ ପାଇକରାୟ ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଂଜନ ବରାଳ, ପ୍ରକାଶ ସାହୁ , ସିବଦତ ବଡ଼ଜେନା ଓ ଅର୍ଜୁନ ପରିଡ଼ା ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ଏସ ଅୟର ରାୟ କାର୍ଯ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରା। ,ଅମିୟ ପ୍ରଧାନ ଓ କମଳ ଥିଲେ। ରବିବାର ଦିନ ପ୍ରଥମ ମ୍ୟାଚ୍ କୁମାରବସ୍ତ ଭେଟେରାନ୍ ବନାମ ଗୁରୁଜଙ୍ଗ ଭେଟେରାନ୍ ଓ ଦ୍ୱିତୀୟ ମ୍ୟାଚ୍ ଟି ଫାଇନାଲ ମ୍ୟାଚ ଭଳିଆବାଡି ବନାମ ଢେଙ୍କାନାଳ ମଧ୍ୟରେ ହେବ ବୋଲି ବନ ବିହାରୀ ସ୍ୱାଇଁ ଜଣାଇଛନ୍ତି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଶବବୁହା ଯାନ ପ୍ରଦାନ

**ଭୁବନେଶ୍ୱର,୭।୧୨::** ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଗଞ୍ଜାମ ଜିଲ୍ଲାପ୍ରଶାସନ ସହଯୋଗିତାରେ ଏମକେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଶବ ବୁହା ଯାନ ପ୍ରଦାନ କରାଯାଇଛି। ଦୀର୍ଘଦିନରୁ ମୃତକଙ୍କପରିବାର ବର୍ଗ ସାମ୍ନା କରୁଥିବା ସମସ୍ୟା ଦୂର କରିବାରେ ତାହାସହାୟକ ହେବ। ବର୍ଷ ବର୍ଷ ଧରି ହସ୍ପିଟାଲରେ ଏଭଳି ଏକ ଉତ୍ସର୍ଗୀକୃତ ଶବ ବୁହାଯାନର ଅଭାବ/ ଆବଶ୍ୟକତା ରହିଥିବା କାରଣରୁ ମୃତକଙ୍କ ପରିବାରଙ୍କୁ ଶବ ନେବା ଲାଗିବ୍ୟୟବହୁଳ ଘରୋଇ ଶବ ବାହାନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିଲେ। ତାହାଅତ୍ୟନ୍ତ ଜଟିଳ ସମୟରେ ସେମାନେ ଆବେଗିକ ଓ ଆର୍ଥିକ ଚାପକୁ ବଢ଼ାଇଦେଉଥିଲା। ଗଞ୍ଜାମ ଜିଲ୍ଲାପାଳଙ୍କ ପକ୍ଷରୁ କରାଯାଇଥିବା ଅନୁରୋଧକୁ ରକ୍ଷା କରି ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏକ ଶବବୁହା ଯାନ ଦାନ କରାଯାଇଛି।

# ୧୪୭ ବର୍ଷ ପରେ ଇଂଲଣ୍ଡ କଲା ବିଶ୍ୱ ରେକର୍ଡ

**ଲଣ୍ଡନ,୭।୧୨:** ଟେଷ୍ଟ କ୍ରିକେଟରେ ବିସ୍ଫୋରକ ବ୍ୟାଟିଂ କରୁଥିବା ଇଂଲଣ୍ଡ ଏବେ ପ୍ରତିଟି ମ୍ୟାଚରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଏହିକ୍ରମରେ ଦଳ ନାଁରେ ଆଉ ଏକ ବିଶ୍ୱ ରେକର୍ଡ ଯୋଡ଼ି ହୋଇଯାଇଛି। ୧୪୭ ବର୍ଷର ଟେଷ୍ଟ କ୍ରିକେଟର ଇତିହାସରେ ଯାହା ଘଟି ନଥିଲା, ସେକଥା ବେନ ଷ୍ଟୋକ୍ସଙ୍କ ଇଂଲଣ୍ଡ ଏବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ କରି ଦେଖାଇଛି। ୱେଲିଂଟନରେ ଖେଳା ଯାଉଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଇଂଲଣ୍ଡ ୫୩୩ ରନର ଲିଡ ହାସଲ କରି ନେଇଛି। ୪ ଜଣ ଇଂଲିଶ ବ୍ୟାଟର ୫୦ରୁ ଅଧିକ ରନ କରି ପୂରା ଇନିଂସରେ ନିଜର ଦବଦବା ଦେଖାଇଛନ୍ତି। ପ୍ରଥମ ଇନିଂସରେ



ଇଂଲଣ୍ଡ ୨୮୦ ରନରେ ଅଲଆଉଟ ହେବା ପରେ ନ୍ୟୁଜିଲ୍ୟାଣ୍ଡକୁ ୧୨୫ ରନରେ ରୋକି ଦେଇଥିଲା। ତେବେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୩୭୮ ରନ କରିନେଇଛି। ଏହି ମ୍ୟାଚରେ ଟେଷ୍ଟ କ୍ରିକେଟର ୧୪୭ ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଦଳ ଭାବେ ଇଂଲଣ୍ଡ ୫୦୦,୦୦୦ ରନ ପୂରଣ କରିଛି। ଇଂଲଣ୍ଡ ନିଜର ୧୦୮୨ ତମ ଟେଷ୍ଟ ମ୍ୟାଚରେ ଏପରି କୀର୍ତ୍ତିମାନ ହାସଲ କରିଛି। ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ କରିଥିବା ତାଲିକାର ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି। ଅଷ୍ଟ୍ରେଲିଆ ଏଯାଏ ୪,୨୮,୮୬୮ ରନ କରିଛି। ୨,୭୮,୭୫୧ ରନ ସହ ଭାରତ ତାଲିକାର ତୃତୀୟ ସ୍ଥାନରେ ଅଛି।

## 'ବରୋଦା ମହିଳା ସ୍ୱାବଲମ୍ବନ' ଏବଂ 'ବରୋଦା ସ୍ମାର୍ଟ ଓଡି' ସ୍କିମ ଆରମ୍ଭ

**ଭୁବନେଶ୍ୱର,୭।୧୨:** ଏମଏସଏମଇ କ୍ଷେତ୍ରକୁ ଆର୍ଥିକ ସହାୟତା ବୃଦ୍ଧି ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ଅନୁଯାୟୀ, ଭାରତର ଅନ୍ୟତମ ଅଗ୍ରଣୀ ସରକାରୀ ବ୍ୟାଙ୍କ, "ବ୍ୟାଙ୍କ ଅଫ୍ ବରୋଦା" ଦୁଇଟି ନୂଆ ସ୍କିମ୍ ଆରମ୍ଭ କରିଛି। "ବରୋଦା ମହିଳା ସ୍ୱାବଲମ୍ବନ" ସ୍କିମ ବିଶେଷ ଭାବରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ । "ବରୋଦା ସ୍ମାର୍ଟ ଓଡି" ଏକ ଅଭିନବ ଡିଜିଟାଲ ଓଭରଡ୍ରଫ୍ଟ ସୁବିଧା ଯାହା ସ୍ୱଳ୍ପ ମିଆଦି କାର୍ଯ୍ୟ ପାଇଁ ପୁଞ୍ଜି ଉପଲବ୍ଧ କରାଇବ। ଏହା ଏକ ସମ୍ପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଜିଏସଟି ପଞ୍ଜିକୃତ ଏମଏସଏମଇ ସଂସ୍ଥା ମାନଙ୍କୁ ସେମାନଙ୍କର ଡିଜିଟାଲ କାରବାରକୁ ଆଧାର କରି ଅଳ୍ପ ସମୟ ମଧ୍ୟରେ ଋଣ ପ୍ରଦାନ କରିପାରିବ। "ବରୋଦା ସ୍ମାର୍ଟ ଓଡି" ଖୁବ ସରଳ ଓ ସିଧା ପ୍ରୋସେସ ଦ୍ୱାରା ମଞ୍ଜୁରୀ ପର୍ଯ୍ୟାୟ ପର୍ଯ୍ୟନ୍ତ କାମ କରିଥାଏ। ଏହି ଅବସରରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଲାଲ ସିଂ କହିଛନ୍ତି ଯେ, "ବ୍ୟାଙ୍କ ଅଫ୍ ବରୋଦା ଏମଏସଏମଇ ମାନଙ୍କ ଆର୍ଥିକ ଆବଶ୍ୟକତା, ମହିଳା ନେତୃତ୍ୱାଧୀନ ବ୍ୟବସାୟ ତଥା ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରିବାକ ନିଜ ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରୁଛି। "ବରୋଦା ମହିଳା ସ୍ୱାବଲମ୍ବନ" ଏବଂ "ବରୋଦା ସ୍ମାର୍ଟ ଓଡି" ର ଆରମ୍ଭ ଦ୍ୱାରା ଏକ ସରଳ ଏବଂ ସକଳ ଆର୍ଥିକ ଇକୋସିଷ୍ଟମର ପ୍ରୟାସକୁ ଆହୁରି ପ୍ରୋତ୍ସାହନ ମିଳିବ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ